## ଆକ୍ରମଣ ଅଭିଯୋଗରେ କାଠ କାରିଗର ଗିରଫ

**ବ୍ରହ୍ମପୁର,୨୧ ।୧(ସମିସ):** ଜଣେ ଯୁବକକୁ ଆକ୍ରମଣ କରିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ କାଠ କାରିଗରକୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ସ୍ଥାନୀୟ ବ୍ରଜ ନଗର ପ୍ରଥମ ଲାଇନ ପାଣିଗ୍ରାହୀପେଣ୍ଠ ସାହିର ସଦାଶିବ ମହାରଣା(୩୫) । ସୂଚନାଯୋଗ୍ୟ ଯେ, ବଡ଼ବଜାର ଥାନା ଅନ୍ତର୍ଗତ ମେଦିରୀସାହି ନିବାସୀ ନରସିଂହ ବେହେରା(୩୧) ଗତବର୍ଷ ଏପ୍ରିଲ ୨୦ତାରିଖରେ ୫ଟି ଖଟ ନିର୍ମାଣ କରିବା ପାଇଁ ସଦାଶିବ ମହାରଣାଙ୍କ ଯୋଗାଯୋଗ କରିଥିଲେ । ସେହିଦିନ ହିଁ ନରସିଂହ କାଠ ସାମଗ୍ରୀ କିଣି ସଦାଶିବଙ୍କୁ ଖଟ ବନେଇବାକୁ କହିଥିଲେ । ଏହି ସମୟରେ ସଦାଶିବ ଏକ ମାସ ମଧ୍ୟରେ ଖଟ ବନାଇଦେବେ ବୋଲି କହିଥିଲେ । କିନ୍ତୁ ଏଯାବତ କୌଣସି ଖଟ ଦେଇନାହାନ୍ତି । ଗତ ୧୯ତାରିଖ ରାତିରେ ନରସିଂହ ସଦାଶିବଙ୍କ ଘର ନିକଟକୁ ଯାଇ ଖଟ ନିର୍ମାଣ କର ନଚେତ ମୋ କାଠ ମୋତେ ଫେରାଓ କହିବାରୁ ସଦାଶିବ ଓ ନରସିଂହଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ସଦାଶିବ ଉତକ୍ଷିପ୍ତ ହୋଇ କ୍ରିକେଟ ବେଟ ଓ ବାଡ଼ିରେ ନରସିଂହଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ ।ଏଥିରେ ନରସିଂହ ଆହତ ହୋଇଥିଲେ । ଘଟଣାକୁ ନେଇ ନରସିଂହ ବଡ଼ ବଜାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସଦାଶିବକୁ ଗିରଫ କରିଛି ।

## କାର୍ ଧକ୍କାରେ ଅଟୋ ଯାତ୍ରୀ ମୃତ ଘଟଣା, ଡ୍ରାଇଭର ଗିରଫ

**ବ୍ରହ୍ମପୁର,୨୧ ।୧(ସମିସ):** ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ବ୍ଲକ ସମ୍ମୁଖରେ କାର ଧକ୍କାରେ ଅଟୋରେ ବସିଥିବା ଚୈତନ୍ୟପଡାର ଯୁବକ ପବନା ଦାସଙ୍କ ମୃତ୍ୟୁ ହୋଇଥିଲା । ଏନେଇ ପବନାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଡ୍ରାଇଭର ତଥା ବ୍ରଜ ନଗର ତୃତୀୟ ଲାଇନ ନିବାସୀ କହ୍ନେୟା ପ୍ରସାଦ ବେହେରା(୪୨)କୁ ଗିରଫ କରିଛି । ସୂଚନାଯୋଗ୍ୟ ଯେ, ପବନା ଶୁକ୍ରବାର ରାତିରେ ବ୍ରହ୍ମପୁରରୁ ଏକ ଅଟୋରେ ବସି ନିଜ ଗାଁକୁ ଫେରୁଥିଲେ । ଏହି ସମୟରେ କୁକୁଡାଖଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସେହି ରାସ୍ତାରେ ବିପରୀତ ପଟୁ ଆସୁଥିବା ଏକ କାର(ଓଡ଼ି-୦୭-ଏଜେ-୬୯୧୭) ଅଟୋକୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଅଟୋ ଚାଳକଙ୍କ ସମେତ ପବନା ଗୁରୁତର ହୋଇଥିଲେ । ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜି ମେଡିକାଲକୁ ଅଣାଯାଇଥିଲା । ଏଠାରେ ଡାକ୍ତର ପବନାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଘଟଣାକୁ ନେଇ କାର ଚାଳକଙ୍କ ବିରୋଧରେ ମୃତ ପବନାଙ୍କ ବାପା ତ୍ରିନାଥ ଦାସ ସଦର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଦୁର୍ଘଟଣାଗସ୍ତ ଦୁଇ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା । ଏହି ଖବର ଗ୍ରାମରେ ପ୍ରସାରିତ ହେବା ପରେ କ୍ଷତିପୂଣ ଦାବିରେ ଗ୍ରାମାବସୀମାନେ ରାସ୍ତାରୋକ କରିଥିଲେ । ପୁଲିସ ଓ ପ୍ରଶାସନ ବୁଝାସୁଝା ପରେ ରାସ୍ତାରୁ ହଟିଥିଲେ ଗ୍ରାମବାସୀ ।

## ଯୁବକଙ୍କୁ ଆକ୍ରମଣ କରି ସୁନାଚେନ୍ ଓ ମୁଦି ଲୁଟ୍

**ବ୍ରହ୍ମପୁର,୨୧ ।୧(ସମିସ):** ଜଣେ ଯୁବକକୁ ଆକ୍ରମଣ କରି ସୁନା ଚେନ ଓ ମୁଦି ଲୁଟ୍ ହୋଇଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ଦୁଇଦିନ ପୂର୍ବେ ସ୍ଥାନୀୟ ଗେଟ ବଜାର ମୁକ୍ତିପଥ ସାହି ନିବାସୀ ପ୍ରଶାନ୍ତ କୁମାର ସାହୁ ଓ ସିମା ବେହେରାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଦୀର୍ଘ ସମୟ ମାରପିଟ ପରେ ସିମା ତାଙ୍କ ସହଯୋଗୀ ସୁଦାମ ଗୌଡ଼ ଉଭୟେ ମିଶି ପ୍ରଶାନ୍ତ ପିନ୍ଧିଥିବା ସୁନା ଚେନ ଓ ମୁଦି ଛଡ଼ାଇ ନେଇଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି । ପୁଲିସ ଅଭିଯୋଗକୁ ଗୁରୁତର ସହ ନେଇ ଘଟଣା ସ୍ଥଳର ସିସିଟିଭି ଫୁଟେଜ ଯାଞ୍ଚ କରୁଥିବା ଜଣାପଡିଛି ।

## ଆଇସିଏଆଇର କର୍ମଶାଳା




**ବ୍ରହ୍ମପୁର,୨୧ ।୧(ସମିସ):** ଇନିଷ୍ଟିଚ୍ୟୁଟ୍ ଅଫ ଚାର୍ଟେଡ଼ ଆକାଉଣ୍ଟେଟସ ଅଫ ଇଣ୍ଡିଆ (ଆଇସିଏଆଇ) ବ୍ରହ୍ମପୁର ଶାଖା ପକ୍ଷରୁ ରବିବାର ଗାନ୍ଧିନଗର ସ୍ଥିତ ଶାଖା କାର୍ଯ୍ୟଖ୍ରମରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ଏଥିରେ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ପରୀକ୍ଷା ବିଷୟରେ ସଚେତନ କରାଯାଇଛି । ବିଶେଷ କରି ସିଏ ପରୀକ୍ଷା ନେଇ ବିଦ୍ୟାର୍ଥୀ କିଭଳି ନିଜକୁ ପ୍ରସ୍ତୁତ କରିବେ ସେନେଇ ବିସ୍ତୃତ ଭାବେ କୁହାଯାଇଛି । ଏଥିରେ କଟକ ଶାଖାର ସଭ୍ୟ ସିଏ ଏସ କେ ଆବୁ ସାକିବ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ । ଶାଖା ସମ୍ପାଦିକା ସିଏ କେ ସୀତା ରଜନୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁଖ୍ୟ କର୍ମଚାରୀ ଶ୍ରୀକାନ୍ତ ମହାନ୍ତି, ପୂର୍ବତନ ସଭାପତି ସିଏ ଇପାରି ଆଶୋକ କୁମାର, ସିଏ ଲକ୍ଷ୍ମୀ ନାରାୟଣ ସହଯୋଗ କରିଥିଲେ ।

### ଆଜିଠୁ ଗଞ୍ଜାମ ଓ କନ୍ଧମାଳର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ସ୍ୱତନ୍ତ୍ର ତୀର୍ଥବସ୍ ସୁବିଧା

# ଗଞ୍ଜାମରୁ ୧୧୨ଟି ବସ୍‌ରେ ଯିବେ ୫୦୩୦ ଭକ୍ତ

- କନ୍ଧମାଳ ପୌରାଞ୍ଚଳରୁ ୧୮ ଟି ବସ୍‌ରେ ଯିବେ ୭୮୦ ଭକ୍ତ
- ଫେବୃଆରୀ ୨୦ ପର୍ଯ୍ୟନ୍ତ ଉପଲବ୍ଧ ହେବ ସୁବିଧା

**ବ୍ରହ୍ମପୁର,୨୧ ।୧(ସମିସ)**

ଲୋକାର୍ପିତ ହୋଇଯାଇଛି ବହୁ ପ୍ରତିକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ । ଏହାକୁ ପ୍ରଦକ୍ଷିଣ କରିବା ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଁ ଚାତକ ଭଳି ଚାହିଁ ରହିଛନ୍ତି ଶ୍ରଦ୍ଧାଳୁ । ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଭକ୍ତଙ୍କ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ପ୍ରତି ଓ୍ୱାର୍ଡରୁ ୨୦ଜଣ ଲେଖାଏଁ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଛି । ଏହି କ୍ରମରେ ସୋମବାର ୨୨ତାରିଖ ଠାରୁ ଆରମ୍ଭ ହେବାକୁ ଯାଉଛି ପ୍ରଥମ ପର୍ଯ୍ୟାୟ ବସସେବା । ଏଥିରେ ଗଞ୍ଜାମ ଜିଲ୍ଲାର ମୋଟ ୨୨ଟି ବ୍ଲକ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୧ଟି ବ୍ଲକରୁ ଭକ୍ତ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିବେ । ସକାଳ ୬ଟା ସମୟରେ ଏହି ସ୍ୱତନ୍ତ୍ର ବସ ବାହାରି ୧୨ଟା ସୁଦ୍ଧା ପୁରୀରେ ପହଁଞ୍ଚିବା ନେଇ କାର୍ଯ୍ୟସୂଚୀ ରହିଛି । ପ୍ରଥମ ପର୍ଯ୍ୟାୟରେ ୧୧ଟି ବ୍ଲକରୁ ବିଭିନ୍ନ ଓ୍ୱାର୍ଡରୁ ମୋଟ ୫୦୩୦ଭକ୍ତ ଯିବାକୁ ଥିବା ବେଳେ ସମସ୍ତଙ୍କ ପାଇଁ ୪୫ରୁ୫୦ସିଟ ବିଶିଷ୍ଟ ୧୧୨ଟି ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଛି । ସେହିଭଳି କନ୍ଧମାଳ ଜିଲ୍ଲାର ଫୁଲବାଣୀ ନୌରପାଳିକା ସମେତ ବାଲିଗୁଡା ଓ ଜି. ଉଦୟଗିରି ଭଳି ଦଉିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ମୋଟ ୩୯ଟି ଓ୍ୱାର୍ଡରୁ ୭୮୦ଜଣ ଭକ୍ତଙ୍କ ପାଇଁ ୧୮ଟି ବସର ବ୍ୟବସ୍ଥା କରାଯାଇଛି । ଏହି ଭକ୍ତଙ୍କ ରାତ୍ରିଯାପନ ପାଇଁ ପୁରୀରେ ସ୍ୱତନ୍ତ୍ର ଟ୍ରାନଜିଟ ହାଉସର ବ୍ୟବସ୍ଥା ସହ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି । ସେହିଭଳି ଗଞ୍ଜାମର ପୌରାଞ୍ଚଳ ଯଥା ହିଞ୍ଜିଳିକାଟୁ ପୌରପାଳିକା ଓ ବ୍ରହ୍ମପୁର ମହାନଗର ନିଗମ ସମେତ ୧୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦର ଶ୍ରଦ୍ଧାଳୁଙ୍କ ପାଇଁ ଆସନ୍ତା ୩୧ତାରିଖରେ ପୁରୀ ଅଭିମୁଖେ ଯାତ୍ରା କରିବା ପାଇଁ ବନ୍ଦୋବସ୍ତ ହୋଇଥିବା ଜଣାପଡିଛି । ଗଜପତି ଜିଲ୍ଲାର ପୌରାଞ୍ଚଳରୁ କାଶୀନଗର ଏନଏସି ଓ ପାରଳାଖେମୁଣ୍ଡି ପୌରାଞ୍ଚଳର ୨୯ଟି ଓ୍ୱାର୍ଡରୁ ୧୩ଟି ବସରେ ମୋଟ ୫୮୦ଜଣ ଯାତ୍ରୀ ଆସନ୍ତା ୩୦ତାରିଖରେ ଯାତ୍ରା କରିବେ । ସେହିଭଳି ଗଞ୍ଜାମ ଜିଲ୍ଲାର ଭକ୍ତଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରା ଆସନ୍ତା ୨୪ତାରିଖରେ ହେବାକୁ ଥିବାବେଳେ ଏଥିରେ ଜିଲ୍ଲାର ଅବଶିଷ୍ଟ ୧୧ଟି ବ୍ଲକର ୫୦୩୦ଶ୍ରଦ୍ଧାଳୁଙ୍କ ପାଇଁ ପୁଣି ୧୧୨ଟି ବସର ବ୍ୟବସ୍ଥା ରହିଥିବା ଜଣାପଡିଛି । ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ସଂଯୋଜକ ନିଯୁକ୍ତ ହୋଇଥିବା ବେଳେ ପ୍ରତି ବସରେ ଜଣେ ଲେଖାଏଁ ପଥ ପ୍ରଦର୍ଶକଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ଏହି ମାଗଣା ତୀର୍ଥବସ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ କରାଯାଇଥିବା ବେଳେ ଆସନ୍ତା ଫେବୃଆରୀ ୨୦ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହା ଜରିଆରେ ୩୯୦୦ରୁ ଅଧିକ ବସରେ ପ୍ରାୟ ୧ଲକ୍ଷ ୭୫ହଜାର ଭକ୍ତଙ୍କୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷିଣ କରାଇବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ।

## ଏଜେଣ୍ଟ ହୋଇ କମିଶନ ହାତେଇଲେ, ଲୋଭରେ ପଡ଼ି ଟଙ୍କା ହରାଇଲେ

### ପାର୍ଟ ଟାଇମ୍ ଚାକିରି ନାଁରେ ନେଇଗଲେ ୩.୨୩ ଲକ୍ଷ

**ବ୍ରହ୍ମପୁର,୨୧ ।୧(ସମିସ):** ଜଣେ ଯୁବକ ଅନଲାଇନରେ ପାର୍ଟ ଟାଇମ ଚାକିରି କରିବାକୁ ଯାଇ ସାଇବର ଠକେଇର ଶିକାର ହୋଇଛନ୍ତି । ଯୁବକ ଜଣକ ଏଜେଣ୍ଟ ହୋଇ ଅନ ଲାଇନରେ ହୋଟେଲ ବୁକିଂ କରି କମିଶନ ହାତେଇବା ମହଙ୍ଗା ପଡିଛି । ମୋଟା କମିଶନର ପ୍ରଲୋଭନ ଦେଖାଇ ସାଇବର ଠକମାନେ ଗୋଳନ୍ଥରା ଥାନା କେଲୁଆପଲ୍ଲୀ ଗୁଣପୁରର କାହ୍ନୁ ଚରଣ ନାୟକ(୩୧) ଙ୍କଠାରୁ ୩ଲକ୍ଷ ୨୩ ହଜାର ୫୭୦ଟଙ୍କା ଠକି ନେଇଛନ୍ତି । ସୂଚନାଯୋଗ୍ୟ ଯେ, କାହ୍ନୁଙ୍କ ନିକଟକୁ ଗତ ଜାନୁୟାରୀ ୧୦ତାରିଖରେ ଏକ ମେସେଜ ଆସିଥିଲା । ଟେଲିଗ୍ରାମ ଜରିଆରେ ଆସିଥିବା ଏହି ମେସେଜରେ ପାର୍ଟ ଟାଇମ ଏଜେଣ୍ଟ ଭାବେ ଚାକିରି ପାଇଁ ଅଫର ରହିଥିଲା । ଅନଲାଇନରେ ହୋଟେଲ ବୁକ୍ କଲେ କମିଶନ ମିଳିବ ବୋଲି ଶିବାନୀ ଲକ୍ଷ୍ମୀ ନାମକ ଜଣେ ଯୁବତୀ ତାଙ୍କୁ ମେସେଜ ପଠାଇଥିଲେ । ଏହା ଦେଖି କାହ୍ନୁ ପାର୍ଟ ଟାଇମ ଚାକିରି ଓ କମିଶନ ଲୋଭରେ ପଡିଯାଇଥିଲେ । ସେହିକ୍ରମରେ ସେ ନିଜର ସମସ୍ତ ବିବରଣୀ ପ୍ରଦାନ କରିଥିଲେ । ଏହାର ଗୋଟିଏ ଦିନ ପରେ ନବିନା ନାମକ ଜଣେ ଯୁବତୀଙ୍କ ସହ କାହ୍ନୁଙ୍କ ସହ ଯୋଗାଯୋଗ କରିଥିଲେ । କ୍ଲିର ଟ୍ରିପ୍ ନାମକ ଏକ କମ୍ପାନୀରେ ପାର୍ଟ ଟାଇମ ଏଜେଣ୍ଟ ଭାବେ ଯୋଗ ଦେଇ ହୋଟେଲ ବୁକିଂ କରି କମିଶନ ପାଇବାକୁ ଯୁବତୀ ଜଣଙ୍କ କାହ୍ନୁଙ୍କୁ କହିଥିଲେ । ସେହିକ୍ରମରେ କାହ୍ନୁ ୩ଟି ବୁକିଂ କରିବା ପରେ ତାଙ୍କୁ କମିଶନ ବାବଦକୁ ୮୬୩ ଟଙ୍କା ମିଳିଥିଲା । ଏହାପର ଦିନ ୧୦ହଜାରଟଙ୍କା ଜମା କଲେ ଆଉ କିଛି ହୋଟେଲ ବୁକିଂ କରିବାକୁ ସୁଯୋଗ ମିଳିବ ବୋଲି କୁହାଯାଇଥିଲା । ସେହିକ୍ରମରେ କାହ୍ନୁ ୧୦ହଜାର ଜମା କରିଥିଲେ । ତାଙ୍କୁ କମିଶନ ବାବଦକୁ ୭ହଜାର ଟଙ୍କା ମିଳିଥିଲା । କମିଶନ ମିଳୁଥିବାରୁ କାହ୍ନୁଙ୍କ ଲୋଭ ବଢି ଯାଇଥିଲା । ଏହା ପର ଦିନ ଦୁଇଟି କିସ୍ତିରେ ୫୦ହଜାର ଜମା କରିବାକୁ କୁହାଯାଇଥିଲା । ଆଉ ସେ ବାବଦକୁ ମୋଟ ୮୩ ହଜାର ଟଙ୍କା ମିଳିବ ବୋଲି କୁହାଯାଇଥିଲା । କାହ୍ନୁ ୫୦ହଜାର ଜମା କରି କିଛି ବୁକିଂ କାମ କରିବା ପରେ ତାଙ୍କ ନାଁରେ ଖୋଲାଯାଇଥିବା କମ୍ପାନୀ ଆକାଉଣ୍ଟରେ ୮୩ ହଜାର ଜମା ହୋଇଗଲା ବୋଲି କୁହାଯାଇଥିଲା । ଆଉ ପୁଣି ୮୩ ହଜାର ଜମା କରିବା ପରେ ସେ ମୋଟ ଟଙ୍କା ଉଠାଇ ପାରିବେ ବୋଲି କୁହାଯାଇଥିଲା । କାହ୍ନୁ ୮୩ହଜାର ଜମା କରିବା ପରେ ମଧ ଟଙ୍କା ଉଠାଇ ପାରିନଥିଲେ । ତାଙ୍କୁ ପୁଣି ଅଧିକ ଟଙ୍କା ଜମା କରିବାକୁ କୁହାଯାଇଥିଲା । ଏପରି ଭାବେ ୬ଟି ପର୍ଯ୍ୟାୟରେ କାହ୍ନୁ ମୋଟ ୩ଲକ୍ଷ ୨୩ହଜାର ୫୭୦ଟଙ୍କା ଜମା କରିଥିଲେ । ଏହାପରେ ମଧ ତାଙ୍କୁ ଅଧିକ ଟଙ୍କା ଜମା କରିବାକୁ କୁହାଯିବାରୁ ସେ ସାଇବର ଠକେଇର ଶିକାର ହେଉଥିବା ଜାଣିବାକୁ ପାଇଥିଲେ । ଏନେଇ ସେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଡା. କୃଷ୍ଣ ମୋହନ ପାଠୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**ବ୍ରହ୍ମପୁର,୨୧ ।୧(ସମିସ):** ସ୍ଥାନୀୟ ଲିଙ୍ଗରାଜ ନଗର ସ୍ଥିତ ପଦ୍ମଶ୍ରୀ ଡ଼ା. କୃଷ୍ଣ ମୋହନ ପାଠୀଙ୍କ ବାସଭବନରେ ରବିବାର ଅସ୍ଥି ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ସ୍ୱାସ୍ଥ୍ୟ ଶିବିର ଶୁଭାରମ୍ଭ କରିଥିଲେ । ଶିବିରରେ ଅସ୍ଥି ସ୍ୱାସ୍ଥ୍ୟର ପରିକ୍ଷା ତଥା ୟୁରିକ୍ ଏସିଡ, ସ୍ନାୟୁ ଦୁବର୍ଳତା, ଭିଟାମିନ ଡି-୩, ହେମୋଗ୍ଲୋବିନ ଇତ୍ୟାଦି ପରିକ୍ଷା କରାଯାଇଥିଲା । ଡ଼ା. ପାଠୀଙ୍କଠାରୁ ଡାକ୍ତରୀ ପରାମର୍ଶ ନେଇଥିଲେ । ଶିବିରରେ ସହରର ବିଭିନ୍ନ ଅଞ୍ଚଳର ଅନେକ ବ୍ୟକ୍ତି ନିଜ ନିଜର ସ୍ୱାସ୍ଥ୍ୟ ପରିକ୍ଷା କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭୁ ପ୍ରସାଦ ପାଠୀ, ସୁରେଶ କୁମାର ପାଠୀ, ଆଇନଜୀବୀ ବିଜୟ ଚନ୍ଦ୍ର ମିଶ୍ର, ଆଇନଜୀବୀ ରମେଶ ଚନ୍ଦ୍ର ପାଣିଗ୍ରାହି, ଏ. ରାଜା ରାଓ, କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ୧୬ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ବିମୋହିତ କଲା ନାଟକ 'ଶୁଣ ସୁଜନେ'

**ବ୍ରହ୍ମପୁର,୨୧ ।୧(ସମିସ):** ଓଡିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ସହାୟତାରେ ଓଡିଶା ନାଟକ ସମାରୋହ ସମିତି ବ୍ରହ୍ମପୁର ଦ୍ୱାରା ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ୧୬ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରବିବାର ଦ୍ୱିତୀୟ ସନ୍ଧ୍ୟା । ୨ୟ ରଜନୀରେ ନାଟକ "ଶୁଣ ସୁଜନେ' ମଞ୍ଚସ୍ଥ ହୋଇଥିଲା । ଏହା ଦର୍ଶକଙ୍କୁ ହସେଇବା ସହ ବିମୋହିତ କରିଥିଲା । ସମାଜରେ ସବୁ ମଣିଷ ସମାନ ନୁହନ୍ତି । ସେହି ମଣିଷ ମାନଙ୍କ ଭିତରେ ସବୁ ମଣିଷ ଯାହା ଦେଖାଯାନ୍ତି ସେମାନେ ଯେ ସେଇଆ ତାହା ହୁଏତ ଭାବିବା ଭୁଲ । ବେଶ ପୋଷକରୁ ମଣିଷକୁ ଚିହ୍ନିବା, ଜାଣିବା ଠିକ ନୁହଁ । ବହୁତ ସମୟରେ ଭଦ୍ର ଲୋକ ଭଳି ବେଶ ପୋଷାକ ଧାରୀ ମଣିଷ ମାନଙ୍କ ଭିତରେ ବି ସଇତାନ ଦେଖାଯାନ୍ତି । ବେଳେବେଳେ ଚେହେରାରେ ଗୁଣ୍ଡା ସଇତାନ ଦେଖାଯାଉଥିବା ଲୋକଙ୍କ ଭିତରେ ମଧ ଗୋଟିଏ ଭଲ ମଣିଷ ଲୁଚି ରହିଥିବା ଦେଖାଯାଏ । ଏଭଳି କିଛି ଚରିତ୍ରଙ୍କ ଘଟଣାକ୍ରମରେ ବାସ୍ତବଧର୍ମୀ ଅଭିନୟକୁ ନେଇ ଗତିଶୀଳ ହୋଇ ଦର୍ଶକଙ୍କ ଭରପୁର ମନୋରଞ୍ଜନ କରି ହସେଇ ବେଦମ କରିଛି ନାଟକ"ଶୁଣ ସୁଜନେ' । ଦ୍ୱିତୀୟ ସନ୍ଧ୍ୟାରେ ଭୁବନେଶ୍ୱର ଡ଼ାଇନାମିକ ପ୍ଲାଟଫର୍ମ ତରଫରୁ ପରିବେଷିତ ହୋଇଥିବା ଏହି ନାଟକକୁ ବଶ୍ୱଜିତ ଦାସ ରଚନା କରିଥିବା ବେଳେ ଦେବବ୍ରତ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଛନ୍ତି । ଶକ୍ତିପ୍ରସାଦ ମିଶ୍ର ସଙ୍ଗୀତ, ସଞ୍ଜୟ ପ୍ରଧାନ ଆଲୁଅ ଏବଂ ପ୍ରଜ୍ଞାଦତ୍ତ ସାହୁ ମଞ୍ଚସଜ୍ଜା ଦାୟିତ୍ୱ ତୁଲାଇଥିଲେ । ନାଟକରେ ନବୀନ କୁମାର ପରିଡା, ଭକ୍ତି ରଞ୍ଜନ ଦାସ, ସ୍ୱରୂପ ରଞ୍ଜନ ଦାସ, ହିମାଂଶୁ ବେହେରା, ସ୍ମୃତିଶ୍ରଦ୍ଧା ବିଶ୍ୱାଳ ଏବଂ ସତ୍ୟବ୍ରତ ଦାସ ପ୍ରମୁଖ ଅଭିନୟ କରିଥିଲେ । ଦ୍ୱିତୀୟ ସନ୍ଧ୍ୟାର ନାଟକ ପୂର୍ବରୁ ଅନୁଷ୍ଠାନର ଉପସଭାପତି ଡ଼. ସନ୍ୟାସୀ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଥା ଡେପୁଟି କମିଶନର ବିନୋଦ କୁମାର ବେହେରା, ବରିଷ୍ଠ ନାଟ୍ୟକାର ମେଜର ରମାରମଣ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ମହୋତ୍ସବ କମିଟିର ଅଧକ୍ଷ ଡ଼. ମିହୀର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ଉପସଭାପତି କୈଳାସ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିଙ୍କ ସହିତ ମଞ୍ଚରେ ଓଡିଶା ନାଟକ ସମାରୋହ ସମିତିର ସଭାପତି ଅନିଲ କୁମାର ପାତ୍ର ଏବଂ ସାଧାରଣ ସମ୍ପାଦକ ନାରାୟଣ ମହାକୁଡ଼ ମଞ୍ଚରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ଉପଦେଷ୍ଟା ରାଜ କିଶୋର ପାଢ଼ୀ, ଶଙ୍କର୍ଷଣ ସାବତ, ଜୟନ୍ତୀ ମିଶ୍ର, ଆରତୀ ପାତ୍ର, ସରୋଜ ପଣ୍ଡା, ପଦ୍ମିନୀ ମିଶ୍ର, ପ୍ରଦୀପ ନାହାକ, ଉମେଶ ଚୌଧୁରୀ ପ୍ରମୁଖଙ୍କ ସହ ରାମଚନ୍ଦ୍ର ସାସମଲ,ଗିରିଜା ଶଙ୍କର ଦାସ, ସୁଦୀପ ସାହୁ, ସ୍ୱାଧୀନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥାପିକା ରଶ୍ମିତା ସାମଲ ପରିଚାଳନା କରିଥିଲେ ।



## ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ବ୍ରହ୍ମପୁର,୨୧ ।୧(ସମିସ):** ଗଞ୍ଜାମ ଜିଲ୍ଲା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସଭାପତି ମନୋଜ ନାହାକଙ୍କ ନେତୃତ୍ୱରେ ବିଭିନ୍ନ ଦାବି ନେଇ ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘର ବିଭିନ୍ନ ଦାବି ସଂପର୍କରେ ଆଲୋଚନା କରାଯାଇଛି । ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରାଯାଇଛି । ୭ଦିନ ଭିତରେ ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ କଳାବ୍ୟାଜ ପରିଧାନ କରାଯିବ ବୋଲି କୁହାଯାଇଛି । ତତପରେ ମଧ ଯଦି ଦାବି ପ୍ରତି ଗୁରୁତ୍ୱ ନ ଦିଆଯାଏ ତେବେ କଲମ ଛାଡ଼ ଆନ୍ଦୋଳନ କରିବା ବୋଲି ସଂଘର ମନୋଜ ନାହାକ ସୂଚନା ଦେଇଛନ୍ତି । ସ୍ମାରକପତ୍ର ପ୍ରଦାନ ସମୟରେ ରାଜସ୍ୱ କ୍ଷେତ୍ର ସଂଘର ସମ୍ପାଦକ ନିଳାଞ୍ଚଳ ବେହେରା, ଜ୍ୟୋସ୍ନା ରାଣୀ ପରିଡା, ନାରାୟଣ କାର୍ଜୀ, ଦଣ୍ଡପାଣି ସେଠି, ରଞ୍ଜନ ପାତ୍ର, ଅଶ୍ୱିନୀ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।

### ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ପାଳନ

# ଖେଳ ମାଧ୍ୟମରେ ମିଲେଟ୍ ସଚେତନତା






- ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡ଼ିଆରେ 'ହ୍ୟାଣ୍ଡବଲ୍'
- ସ୍ପୋର୍ଟସ ଏରିନାରେ 'ବାସ୍କେଟବଲ୍'

**ବ୍ରହ୍ମପୁର,୨୧ ।୧(ସମିସ)**

୨୦୨୩ ବର୍ଷକୁ ଆନ୍ତର୍ଜାତୀୟ ମିଲେଟ ବର୍ଷ ଭାବେ ପାଳନ କରାଯାଉଛି । ଏହି ଅବସରରେ ମିଲେଟ ବା ମାଣ୍ଡିଆ ଓ ଏହାଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ପ୍ରଚାର ଓ ପ୍ରସାର ପାଇଁ ଓଡିଶା ମିଲେଟ ମିଶନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ମିଲେଟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି । ସହରାଞ୍ଚଳରେ କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯାଇ ଖେଳାଳୀଙ୍କ ମଧ୍ୟରେ ସଚେତନତା କରାଯାଉଛି । ଏହିକ୍ରମରେ ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡିଆରେ ଦିନିକିଆ ହ୍ୟାଣ୍ଡବଲ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବର୍ଗରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ । ଉଭୟ ମ୍ୟାଚ ସଂଘର୍ଷପୂର୍ଣ୍ଣ ରହିଥିଲା । ଶେଷରେ ଓଡିଶା ମିଲେଟ ମିଶନର ଡେପୁଟି ପ୍ରକଳ୍ପ ନିର୍ଦ୍ଦେଶକ ଅଜିତ ମହାପାତ୍ର ମୁଖ୍ୟଅତିଥି ଭାବେ ଓ ସମ୍ମାନିତ ଅତିଥି ଭାବେ ସକାଳ ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ତଥା ଜିଲ୍ଲା ହ୍ୟାଣ୍ଡବଲ ସଂଘର ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, ଓଡିଶା ମିଲେଟ ମିଶନର ଜିଲ୍ଲା ସଂଯୋଜିକା ଅମ୍ବିକା ଦତ୍ତ, ସହକାରୀ ଜିଲ୍ଲା ସଂଯୋଜକ ସମୀର ରଂଜନ ଦାଶ, ଜାତୀୟ ହକି ଖେଳାଳୀ ବିର୍ଲା ପ୍ରସାଦ ମାଝି, ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥ, ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ ଓ ରାଜେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ । ସେହିଭଳି ଅପରାହ୍ନରେ ଥିଲ୍ଲା କ୍ରୀଡା ସଂଘର ମିଳିତ ସହଯୋଗରେ ଓଡିଶା ମିଲେଟ ମିଶନ ପକ୍ଷରୁ ସ୍ପୋର୍ଟସ ଏରିନାରେ ଉଭୟ ବାଳକ ଓ ବାଳିକା ବର୍ଗରେ ବାସ୍କେଟବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ମିଲେଟ ମିଶନର ପ୍ରକଳ୍ପ ଉପ ନିର୍ଦ୍ଦେଶକ ଅଜିତ ମହାପାତ୍ରଙ୍କ ସମେତ ଜିଲ୍ଲା ସଂଘର କର୍ମକର୍ତ୍ତା ଶରତ ସାହୁ, ଉପେନ୍ଦ୍ର ପଟ୍ଟନାୟକ, କାଜଲ ସାହୁ, ପ୍ରଶାନ୍ତ ରାଉତ, ଜି.କ୍ରୀଷ୍ଣା ପ୍ରସାଦ, ମିନାକ୍ଷୀ ନାୟକ, ସଞ୍ଜୟ ହୋତା, ଦିପକ ରଥ ଓ ଶ୍ରୀମନ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା ସହ କୃତି ଦଳକୁ ପୁରସ୍କୃତ କରିଥିଲେ । ଉଭୟ ପ୍ରତିଯୋଗିତାରେ ଖେଳାଳୀଙ୍କୁ ବିଭାଗ ପକ୍ଷରୁ ମିଲେଟର ବ୍ୟବହାରିକ ଉପଯୋଗିତା ସମ୍ପର୍କରେ ସଚେତନ କରାଯାଇଥିଲା ।

## ସରକାରୀ ପଲିଟେକ୍‌ନିକ୍‌ରେ 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତିରେ ଜଗନ୍ନାଥ' ଆଲୋଚନା ଚକ୍ର

**ବ୍ରହ୍ମପୁର,୨୧ ।୧(ସମିସ):** ସ୍ଥାନୀୟ ସରକାରୀ ପଲିଟେକନିକ୍ କଲେଜ ଅଡିଟୋରିୟମଠାରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିରେ ଜଗନ୍ନାଥ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଇଂ ନିଶାକର ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଉକ୍ରଳ ସମ୍ମିଳନୀ ଜିଲ୍ଲା ସଭାପତି ଡ ସୁବ୍ରତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସମ୍ମିଳନୀର ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ମୁଖ୍ୟବକ୍ତା ରୂପେ ବିଶିଷ୍ଟ ସାହିତ୍ୟ ସଂସ୍କୃତି ଗବେଷକ ଡ. ବାୟାମନୁ ଚର୍ଚ୍ଚି, ପ୍ରାଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ପଲିଟେକନିକ୍ ଅଧ୍ୟାପିକା ଆଶ୍ରିତା ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ନୂଆ 'ଓ" କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅନିମା ମିଶ୍ର କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରି କୃତି ଛାତ୍ର ଛାତ୍ରୀ ଙ୍କ ନାଁ ଘୋଷଣା କରିଥିଲେ । ସେମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ ।



# ଗଞ୍ଜାମ ଜିଲ୍ଲାରେ ଆଜି ଖୋଲିବ ପ୍ରଥମ ମିଲେଟ୍ ମଣ୍ଡି

- ୨୫ ସୁଦ୍ଧା ସମସ୍ତ ୭ଟି ବ୍ଲକରେ ଖୋଲିବ ମୋଟ ୩୮ଟି ମଣ୍ଡି
- ୩୭ ହଜାର କ୍ୱିଣ୍ଟାଲ୍ ମିଲେଟ ସଂଗ୍ରହ ପାଇଁ ଲକ୍ଷ୍ୟ
- କ୍ୱିଣ୍ଟାଲ ପିଛା ମିଲେଟର ମୂଲ୍ୟ ୩୮୪୬ଟଙ୍କାକୁ ବୃଦ୍ଧି

ବ୍ରହ୍ମପୁର, ୨୧।୧(ସମିସ)

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଗଠିତ ହୋଇଛି ଓଡ଼ିଶା ମିଲେଟ ମିଶନ। "ମିଲେଟ ବା ମାଣ୍ଡିଆ'ର ବ୍ୟବହାରିକ ଉପଯୋଗିତା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭାଗ ପକ୍ଷରୁ ନିଆଯାଇଛି ଭିନ୍ନଭିନ୍ନ ପଦକ୍ଷେପ। କୃଷି ଓ କୃଷକଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଗଠିତ ଏହି ମିଶନ ଜରିଆରେ ମିଲେଟର ପ୍ରଚାର ଓ ପ୍ରସାର ବହୁଳ ଭାବେ କରାଯାଇଛି। ଏଥି ସହିତ ଚାଷୀଙ୍କୁ ମିଲେଟ ପ୍ରତି ଉତ୍ସାହିତ କରିବା ଲାଗି ପ୍ରତିବର୍ଷ ମିଲେଟର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଉଛି। ୨୦୧୯-୨୦ମସିହାରେ କ୍ୱିଣ୍ଟାଲ ପିଛା ମିଲେଟର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୫୦ଟଙ୍କା ଥିବା ବେଳେ ୨୦୨୦-୨୧ରେ ୩୨୯୫, ୨୦୨୧-୨୨ରେ ୩୩୭୭, ୨୦୨୨-୨୩ରେ ୩୫୭୮ ଓ ୨୦୨୩-୨୪ରେ ପୁଣି ବୃଦ୍ଧି ପାଇ ବର୍ତ୍ତମାନ ଏହା ୩୮୪୬ଟଙ୍କାରେ ପହଁଞ୍ଚିଛି। ପ୍ରତ୍ୟେକ ଚାଷୀଙ୍କ ଠାରୁ ହେକ୍ଟର ପିଛା ୧୦କ୍ୱିଣ୍ଟାଲ ମିଲେଟ ସଂଗ୍ରହ କରାଯିବାକୁ ସ୍ଥିର ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଗଞ୍ଜାମ ଜିଲ୍ଲାରେ ପୂର୍ବରୁ ୪ଟି ବ୍ଲକରେ ମାଣ୍ଡିଆ ଚାଷ ହେଉଥିବା ବେଳେ ବର୍ତ୍ତମାନ ସାନଖେମୁଣ୍ଡି, ଶେରଗଡ଼ ଓ ଜଗନ୍ନାଥପ୍ରସାଦ ଭଳି ଅନ୍ୟ ୩ଟି ବ୍ଲକ ସହିତ ଜିଲ୍ଲାର ମୋଟ ୭ଟି ବ୍ଲକରେ ମିଲେଟ ଚାଷ କରାଯାଉଛି। ମୁଖ୍ୟତଃ ମାଣ୍ଡିଆ ଚାଷ ଢେପ ଜମିରେ ହେଉଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଅଧିକାଂଶ ଜମି ଖାଲୁଆ ରହିଥିବାରୁ ଏହି ଚାଷ ପାଇଁ ସମସ୍ୟା ରହିଛି। ତଥାପି ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଯୋଗୁଁ ମିଲେଟ ଚାଷ ପାଇଁ ଚାଷୀଙ୍କ ଆଗ୍ରହ ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ପ୍ରତିବର୍ଷ ୫ହଜାରରୁ ୬ହଜାର ପର୍ଯ୍ୟନ୍ତ ଚାଷୀଙ୍କ ପଞ୍ଜିକରଣ ବଢୁଥିବା ଦେଖିବାକୁ ମିଳିଛି। ଗତବର୍ଷ ମଣ୍ଡି ଜରିଆରେ ଚାଷୀଙ୍କ ଠାରୁ ମୋଟ ୨୨ହଜାର କ୍ୱିଣ୍ଟାଲ ମିଲେଟ ସଂଗ୍ରହ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୨୫ହଜାର ୫୦୦କ୍ୱିଣ୍ଟାଲ ମିଲେଟ ସଂଗ୍ରହ କରାଯାଇଥିଲା। ଚଳିତ ବର୍ଷ ଏହି ଲକ୍ଷ୍ୟ ୩୭ହଜାର କ୍ୱିଣ୍ଟାଲକୁ ବୃଦ୍ଧି କରାଯାଇଛି। ଏହି ଲକ୍ଷ୍ୟ ହାସଲ ପାଁ ଜିଲ୍ଲାର ୭ଟି ବ୍ଲକରେ ମୋଟ ୩୮ଟି ମଣ୍ଡିର ବ୍ୟବସ୍ଥା କରାଯାଇଛି। ସେପଟେ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟକୁ ମଧ୍ୟ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ଚଳିତ ବର୍ଷ ଜିଲ୍ଲାରେ ପ୍ରଥମ ମଣ୍ଡି ଭାବେ ପୋଲସରା ବ୍ଲକରେ ମଣ୍ଡି ଖୋଲାଯିବାକୁ ଥିବା ବେଳେ ଆସନ୍ତା ୨୫ତାରିଖ ସୁଦ୍ଧା ସମସ୍ତ ୭ଟି ବ୍ଲକରେ ୩୮ଟି ଯାକ ମଣ୍ଡି ଖୋଲାଯିବ ବୋଲି କହିଛନ୍ତି ଓଡ଼ିଶା ମିଲେଟ ମିଶନର ପ୍ରକଳ୍ପ ଉପ ନିର୍ଦ୍ଦେଶକ ଅଜିତ ମହାପାତ୍ର।

## ଧାନମଳା ଗାଡ଼ି ଓଲଟି ଜଣେ ମୃତ

ପାତ୍ରପୁର, ୨୧।୧(ସମିସ): ପାତ୍ରପୁର ବ୍ଲକ ଆମୁଣ୍ଡି ଗ୍ରାମରେ ଧାନମଳା ଗାଡି ଓଲଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ମହିଳା ଗୁରୁତର ହୋଇଛନ୍ତି। ମୃତକ ହେଲେ ଶାସନ ଗ୍ରାମର ମାଧବ ନାଇକଙ୍କ ସ୍ତ୍ରୀ ଝୁନୁ ନାଇକ (୪୦) ଏବଂ ଗୁରୁତରଜଣଙ୍କ ମୁରଲୀ ନାଇକଙ୍କ ସ୍ତ୍ରୀ ଝୁନୁ ନାଇକ ବୋଲି ଜଣାପଡ଼ିଛି। ସୂଚନା ପ୍ରକାରେ ଧାନ ଅମଳ ପାଇଁ ଦୁଇ ମହିଳା ଶ୍ରମିକ ଉକ୍ତ ଗାଡ଼ିରେ ଯାଇଥିବାବେଳେ ଧାନ ଅମଳ ସାରି ଫେରିବା ବାଟରେ ମେସିନଟି ଓଲଟି ପଡ଼ି ଉଭୟ ଶ୍ରମିକଙ୍କ ଉପରେ ଚାପି ହୋଇ ଯାଇଥିଲା। ଫଳରେ ଦୁଇ ଶ୍ରମିକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ପାତ୍ରପୁର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ।

## ପୁଅର ଟାଙ୍ଗିଆ ଚୋଟରେ ବାପା ଗୁରୁତର

ଆସିକା, ୨୧।୧(ସମିସ): ଆସିକା ଥାନା ଅନ୍ତର୍ଗତ ଅତରଙ୍ଗ ଗାଁରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଁର ଚିତ୍ରସେନ ବିଶ୍ୱାଳ ବିଭିନ୍ନ ଲୋକଙ୍କ ଠାରୁ ୫/୬ଲକ୍ଷ ଟଙ୍କା କରଜ ଆଣିଥିଲେ। ଧାର ଟଙ୍କା ପରିଶୋଧ ପାଇଁ ଦୁଇ ପୁଅଙ୍କ ଉପସ୍ଥିତିରେ ଗାଁର ଭଦ୍ର ଲୋକଙ୍କ ଦ୍ୱାରା ଏକ ବୈଠକ ବସିଥିଲା। ତେବେ ଦୁଇ ପୁଅକୁ ସମାନ ସମାନ ଭାଗରେ ସାଢ଼େ ତିନି ଲକ୍ଷ ଧାର ଟଙ୍କା ପରିଶୋଧ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ବଡ଼ ପୁଅ ବାପାର କରଜ ଟଙ୍କା ସୁଝିବାକୁ ମନା କରିବା ସହ ମଦ ପିଇ ଘରକୁ ଆସି କଳି କରିଥିଲେ। ଶନିବାର ରାତିରେ ବାପା ଓ ପୁଅ ମଧ୍ୟରେ ବଚସା ହୋଇଥିଲା। ଫଳରେ ବଡ ପୁଅ ରାଗରେ ବାପା ଚିତ୍ରସେନ ବିଶ୍ୱାଳଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଆସିକା ସବଡିଭିଜନାଲ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସେହିପରି ପୁଅ ଉତ୍ତମ ବିଶ୍ୱାଳଙ୍କ ମୁଣ୍ଡରେ ମଧ୍ୟ ସାମାନ୍ୟ ଆଘାତ ଲାଗିଥିବାର ମଧ୍ୟ ସୂଚନା ରହିଛି। ତେବେ ଏନେଇ କୌଣସି ଅଭିଯୋଗ ହୋଇନଥିବା ପୁଲିସ କହିଛି।

## ବୀମାରାଶି ପାଇଲେ ମୃତକଙ୍କ ପରିବାର

ଭଞ୍ଜନଗର, ୨୧।୧(ସମିସ): ଜଗନ୍ନାଥପ୍ରସାଦ ବ୍ଲକ ଗେରେଡା ପଞ୍ଚାୟତ ଦିଗାମ୍ବର ପଲ୍ଲୀ ଗାଁରେ ଗତ ସେପ୍ଟେମ୍ବର ମାସ ୧୩ ତାରିଖ ଦିନ ଜମିରେ କାମ କରୁଥିବା ସମୟରେ ବଜ୍ରପାତରେ ୫୫ ବର୍ଷୀୟ ମହିଳା କନକ ନାୟକଙ୍କ ମୃତ୍ୟୁ ଘଟିଥିଲା। ସେ ପ୍ରତାପୁର ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ପ୍ରଧାନମନ୍ତ୍ରୀ ବୀମା ସୁରକ୍ଷା ଯୋଜନାରେ ମାତ୍ର ବାର୍ଷିକ ୨୦ଟଙ୍କା ପ୍ରିମିୟମ ପୈଠ ଏହି ଯୋଜନାରେ ସାମିଲ ହୋଇଥିଲେ।

ମୃତ୍ୟୁ ପରେ ରବିବାର ଉତ୍କଳ ଗ୍ରାମିଣ ବ୍ୟାଙ୍କ ପକ୍ଷରୁ ମୃତ କନକଙ୍କ ପୁଅ ସୀମାଞ୍ଚଳଙ୍କୁ ୨ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି। ଏହି ଅର୍ଥ ରାଶି ପାଇ ସୀମାଞ୍ଚଳ ଖୁସି ବ୍ୟକ୍ତ କରିଛନ୍ତି। ଏହି ଅବସରରେ ବ୍ୟାଙ୍କ ମ୍ୟାନେଜର ପ୍ରତୀକ ଜଗନ୍ନାଥ ସାହୁ, କୋଷାଧ୍ୟକ୍ଷ ସାଗର ଦଳେଇଙ୍କ ସମେତ ଅନ୍ୟ କର୍ମଚାରୀ ଅକ୍ଷୟ ପ୍ରଧାନ ଓ ଲୋକନାଥ ପଣ୍ଡା ଉପସ୍ଥିତ ଥିଲେ।

■ ଗୁମ୍ମାରେ ମିଶ୍ରଣ ପର୍ବ

## ବିଜେଡିରେ ସାମିଲ ହେଲେ ୨୧ କଂଗ୍ରେସ କର୍ମୀ



ଗୁମ୍ମା, ୨୧।୧(ସମିସ): ଗଜପତି ଜିଲ୍ଲା ଗୁମ୍ମାରେ ଆଜି ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଗୁମ୍ମା ବ୍ଲକ ବଡ଼ କଳାକୋଟ, ତରଙ୍ଗଡ଼ା ଓ ଡୁମ୍ବାଡ଼ା ପଞ୍ଚାୟତର ୨୧ରୁ ଊର୍ଦ୍ଧ୍ୱ ବରିଷ୍ଠ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ଶଶିଭୂଷଣ ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ସୁନେମୀ ଗମାଙ୍ଗ ଉପସ୍ଥିତ ରହି ନୂତନ କର୍ମୀଙ୍କୁ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଇଏଲ ଶବର, ବଡ଼ କଳାକୋଟ ପଞ୍ଚାୟତର ଦାଉଦ ମଣ୍ଡଳ, ତାରିଣୀ ଗୌଉଡ଼, ଗୁସିଣ୍ଡ ଭୂୟାଁ, ତିତସ ରଈତ, ଏଲିୟସ ଶବର, ଜିୟାରମ ଗମାଙ୍ଗ ଓ ବରସିଂ ଦଳବେହେରା ଯୋଗ ଦେଇଥିଲେ।

## ବଡ଼ପଙ୍କଲବାଡ଼ିରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର



ପୋଲସରା, ୨୧।୧(ସମିସ): ପାଲସରା ବ୍ଲକ ବଡ଼ପଙ୍କଲବାଡି ପଞ୍ଚାୟତରେ ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଜରିଆରେ ସଚେତନ ଶିବିର ଅନୁଷ୍ଠିତ ହୋଇଛି। ଏହି ପଞ୍ଚାୟତରେ ବିକାଶ ଜନିତ ବହୁ କାର୍ଯ୍ୟ ସମ୍ପାଦନ ହୋଇଥିବାର ଉପସ୍ଥିତ ଅତିଥି ଖୁସିବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସହକାରୀ ନିର୍ବାହୀ ଯନ୍ତ୍ରୀ ଘନଶ୍ୟାମ ଡାକୁଆ, କନିଷ୍ଠ ଯନ୍ତ୍ରୀ ଶଙ୍କର ସୁବୁଦ୍ଧି, ବଡ଼ପଙ୍କଲବାଡି ସରପଞ୍ଚ ଭାରତୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ପ୍ରତିନିଧି ଘନଶ୍ୟାମ ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ ଦଳେଇ, ନାଏବ୍ ସରପଞ୍ଚ ଜୟସେନ ଜେନା, ସରପଞ୍ଚ ପ୍ରତିନିଧି ବୃନ୍ଦାବନ ବେହେରା, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡ଼ି ସଭାପତି ସୁଶାନ୍ତ ପୋଲେଇ, ସୁକାନ୍ତ ଭୁୟାଁ, ଯୁବ ସଂଗଠକ ସୁଶାନ୍ତ ମହାରଣା, ନରେନ୍ଦ୍ର ଦେବତା, ରତ୍ନାକର ସ୍ୱାଇଁ, ସୋମନାଥ ଡାକୁଆ, ସମେତ ସମସ୍ତ ବ୍ଲକ କର୍ମଚାରୀ ମଞ୍ଚାସୀନ ଥିଲେ। ଗତ ପାଞ୍ଚବର୍ଷରେ ବଡ଼ପଙ୍କଲବାଡି ପଞ୍ଚାୟତ ବିକାଶର ମାଇଲ୍ ଖୁଣ୍ଟ ଅତିକ୍ରମ କରିଛି। ୫-ଟି ମାଧ୍ୟମରେ ୪୫ ଲକ୍ଷଟଙ୍କା ବିନିମୟରେ ନୋଡ଼ାଲ ହାଇସ୍କୁଲର ରୂପାନ୍ତିକରଣ ହୋଇଥିବା ବେଳେ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ପାଇଁ ୫୦ ଲକ୍ଷଟଙ୍କା ପ୍ରଦାନ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀ ଉପକୃତ ହୋଇଛନ୍ତି ବୋଲି ଏଠାରେ କୁହାଯାଇଛି। ଏ ଅବସରରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂସହାୟକ ମହିଳା ଗୋଷ୍ଠୀ ମାନଙ୍କୁ ବିଧାୟକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବିପିଏମ ଗଙ୍ଗାଧର ମିଶ୍ର, ଏମବିକେ ପିଙ୍କି ମହାରଣା, ସରପଞ୍ଚ ମନୋଜ କୁମାର ପରିଡ଼ା, ଉତ୍କଳ ପ୍ରଧାନ, ସିଲୁ ଦଳେଇ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବଳରାମ ଜେନା ସଂଯୋଜନା କରିଥିଲେ।

## ୩ୟ ରାଜ୍ୟସ୍ତରୀୟ ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବ୍ରହ୍ମପୁର, ୨୧।୧(ସମିସ): ସ୍ଥାନୀୟ ଗୋଷାଣିନୂଆଗାଁ ସ୍ଥିତ କେ.ସି. ହାଇସ୍କୁଲ ଖେଳପଡ଼ିଆରେ ରବିବାର କେ.ସି. ଇଲେଭେନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୩ୟ ରାଜ୍ୟସ୍ତରୀୟ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ସମାଜସେବୀ ବୁବୁ ମହାନ୍ତି, ମହିଳା ବିଜେଡି ଉପ ସଭାନେତ୍ରୀ ଶ୍ୱେତାପ୍ରଜ୍ଞା ପଟ୍ଟନାୟକ, କର୍ପୋରେଟର ପାର୍ବତୀ ପ୍ରଧାନ, ସୁରତ କୁମାର ପଣ୍ଡା, ମଧୁସୂଦନ ସାହୁ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଅତିଥିମାନେ ଖେଳକୁ ଉପଭୋଗ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୮ଟି ଦଳ ଭାଗ ନେବାକୁ ଥିବାବେଳେ ରବିବାର ଠାରୁ ଏହା ଆରମ୍ଭ ହୋଇ ଫେବୃୟାରୀ ୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କେସି ଇଲେଭେନ କ୍ରିକେଟ କ୍ଲବର ସଭାପତି ବରେଣ ମହାପାତ୍ର, ଉପସଭାପତି ଅନିଲ କୁମାର ପାଣିଗ୍ରାହୀ, ସମ୍ପାଦକ ହରିହର ପଣ୍ଡା, ସହ ସମ୍ପାଦକ ବଳରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରଥମ କ୍ରିକେଟ ମ୍ୟାଚ ଭୁବନେଶ୍ୱର ସମରସେଟ କ୍ରିକେଟ କ୍ଲବ ବନାମ ବ୍ରହ୍ମପୁରର ଲାୟନ୍ସ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସମରସେଟ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲେ। ନିର୍ଦ୍ଧାରିତ ୧୪ଓଭର ୪ବଲ ଖେଳି ୯ଟି ୱିକେଟ ବିନିମୟରେ ମୋଟ ୧୬୬ରନ କରିଥିଲେ। ଜବାବରେ ବ୍ରହ୍ମପୁର ଲାୟନ୍ସ ଇଲେଭେନ ୧୩ଓଭର ଖେଳି ୫ୱିକେଟ ବିନିମୟରେ ୧୭୧ରନ କରିଥିଲେ। ପ୍ରଥମ ମ୍ୟାଚକୁ ବ୍ରହ୍ମପୁର ଲାୟନ୍ସ ଇଲେଭେନ ଦଳ ୫ଟି ୱିକେଟରେ ବିଜୟ ଲାଭ କରିଥିଲେ। ମ୍ୟାଚରେ ଅମ୍ପାୟାର ଭାବେ ବିଜୟ ପଟ୍ଟନାୟକ ଓ ସୁବ୍ରତ ବକ୍ସି ପଟ୍ଟନାୟକ ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଜଗନ୍ନାଥ ଚୌଧୁରୀ ସହଯୋଗ କରିଥିଲେ।

## ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ନେଇ ନଗର ପରିକ୍ରମା

ବ୍ରହ୍ମପୁର, ୨୧।୧(ସମିସ): ସ୍ଥାନୀୟ ଶ୍ରୀ ରାଧା ଗୋବିନ୍ଦ ଧାମ ପକ୍ଷରୁ ରବିବାର ଅଯୋଧାରେ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ନେଇ ନଗର ପରିକ୍ରମା ହୋଇଯାଇଛି। ଏ ଅବସରରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ପାଣିଟାଙ୍କି ଛକରୁ ବାହାରି ସୁବାରାଓ ଛକ, ପୁରୁଣା ବସଷ୍ଟାଣ୍ଡ, ବିଶାଳ ମେଗା ମାର୍ଟ ଦେଇ ପୁଣି ପାଣିଟାଙ୍କି ଛକରେ ଶେଷ ହୋଇଥିଲା। ସୋମବାର ଭଗବାନ ଶ୍ରୀରାମଙ୍କର ବିଗ୍ରହର ପ୍ରାଣପ୍ରତିଷ୍ଠା ହେବାକୁ ରହିଥିବା ବେଳେ ରାମ ଭକ୍ତମାନ ମଧ୍ୟରେ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରରେ ଶ୍ରୀ ରାଧା ଗୋବିନ୍ଦ ଧାମର ସଭାପତି ଡ଼. ନିର୍ମଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ସୁସିଲ ଚ୍ୟାଉ ପଟ୍ଟନାୟକ, ଭାସ୍କର ମିଶ୍ର, କିଶୋର ଚନ୍ଦ୍ର ପାଢ଼ୀ, ଶିତାକାନ୍ତ ରଥ ଓ ପ୍ରସନ୍ନ ନାୟକଙ୍କ ସମେତ ବହୁ ରାମ ଭକ୍ତ ଯୋଗ ଦେଇଥିଲେ।



## ନାବାଳିକାଙ୍କୁ ଗର୍ଭବତୀ କରି ଫେରାର ଯୁବକ ହାଇଦ୍ରାବାଦରୁ ଗିରଫ

- ଡିସିପିଓଙ୍କ ଏତଲା କ୍ରମେ ରୁଜୁ ହୋଇଥିଲା ମାମଲା

ବ୍ରହ୍ମପୁର, ୨୧।୧(ସମିସ): ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରି ଗର୍ଭବତୀ କରିବା ପରେ ଗିରଫ ଭୟରେ ଫେରାର ହୋଇଥିବା ଜଣେ ଅଭିଯୁକ୍ତକୁ ହାଇଦ୍ରାବାଦରୁ ଗିରଫ କରିଛି ବ୍ରହ୍ମପୁର ପୁଲିସ। ଅଭିଯୁକ୍ତ ଜଣକ ହେଲେ ଜରଡା ଥାନା ଅନ୍ତର୍ଗତ ପାତ୍ରପୁର ବଡବ୍ରାହ୍ମଣ ସାହିର ରାମେଶ୍ୱର ମହାନ୍ତି(୨୨)। ପିଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ଏହାସହ କୋର୍ଟରେ ପିଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ବ୍ରହ୍ମପୁର ଏସପିଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ, ଅଭିଯୁକ୍ତ ରାମେଶ୍ୱର ଜରଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। କିଛି ଦିନ ପରେ ନାବାଳିକା ଜଣଙ୍କ ଗର୍ଭବତୀ ହୋଇଥିଲେ। ଅପବାଦ ଭୟରେ ଏ ବିଷୟରେ ନାବାଳିକା ଜଣକ କାହାକୁ ଜଣାଇନଥିଲେ। ଘଟଣା ଜଣାପଡ଼ିବା ପରେ ନାବାଳିକାଙ୍କ ପରିବାର ଲୋକେ ରାମେଶ୍ୱରଙ୍କ ଘରକୁ ଯାଇଥିଲେ। ହେଲେ ରାମେଶ୍ୱରଙ୍କ ପରିବାର ଲେକେ ନାବାଳିକାଙ୍କ ଗର୍ଭନଷ୍ଟ କରିବାକୁ କହିବା ସହ ବିଭିନ୍ନ ଧମକ ଦେଇଥିଲେ। ଏପରିକି ଏସମ୍ପର୍କରେ ପୁଲିସକୁ ନଜଣାଇବାକୁ ତାଗିଦ କରିଥିଲେ। ପରେ ଘଟଣାକୁ ନେଇ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ସୁବୋଧ ଚନ୍ଦ୍ର ଷଡଙ୍ଗୀ ଲିଖିତ ଅଭିଯୋଗ କରିବା ପରେ ଜରଡା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ହେବା ପରେ ଅଭିଯୁକ୍ତ ରାମେଶ୍ୱର ଗିରଫଦାରୀକୁ ଏଡାଇବାକୁ ଯାଇ ଫେରାର ହୋଇଯାଇଥିଲା। ଘଟଣାର ତଦନ୍ତ ଚିକିଟି ଏସଡିପିଓ ସୁଜିତ ନାୟକ କରୁଥିଲେ। ଫେରାର ଅଭିଯୁକ୍ତ ରାମେଶ୍ୱରକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ସେ ହାଇଦ୍ରାବାଦରେ ଥିବା ଏସଡିପିଓ ଶ୍ରୀ ନାୟକ ଜାଣିବାକୁ ପାଇଥିଲେ। ପରେ ଜରଡା ଓ ଦିଗପହଣ୍ଡି ଥାନା ପୁଲିସକୁ ନେଇ ଏକ ଟିମ ଗଠନ ହୋଇଥିଲା। ଉକ୍ତ ଟିମ ଅଭିଯୁକ୍ତ ରାମେଶ୍ୱରକୁ ହାଇଦ୍ରାବାଦରେ କାବୁ କରି ସ୍ଥାନୀୟ କୋର୍ଟରେ ହାଜର କରି ଟ୍ରାଞ୍ଜିଟ ରିମାଣ୍ଡରେ ବ୍ରହ୍ମପୁର ଆଣିଥିଲେ। ରବିବାର ଅଭିଯୁକ୍ତ ରାମେଶ୍ୱରକୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ପ୍ରେସବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପିଡ଼ିତା କିଛି ଦିନପୂର୍ବେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବା ଜଣାଯାଇଛି।



# ଡ୍ରେନ୍ ନାହିଁ, ଗାଁ ଦାଣ୍ଡରେ ଜମୁଛି ପାଣି

ଶେରଗଡ଼, ୨୧ ।୧(ସମିସ):



ଡ୍ରେନ ବ୍ୟବସ୍ଥା ନଥିବା ଯୋଗୁଁ ଗାଁ ଦାଣ୍ଡରେ ପାଣି ଜମୁଛି । ଏଭଳି ଅବସ୍ଥା ଦେଖିବାକୁ ମିଳିଛି ଶେରଗଡ଼ ବ୍ଲକ ଅଞ୍ଚଳରେ । ସୂଚନା ମୁତାବକ ଶେରଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତର ଗାଁ ଦାଣ୍ଡରେ ପ୍ରତିଦିନ ଜନସାଧାରଣ ସାଇକେଲଠାରୁ ଆରମ୍ଭ କରି ବାଇକ, ଚାରି ଚକିଆ ଏବଂ ଯାତ୍ରୀବାହି ବସଗୁଡିକ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି । କିନ୍ତୁ ଦୁଃଖର ବିଷୟ କିଛି ରାସ୍ତା ପଞ୍ଚାୟତ ନିର୍ମାଣ କରିଥିବା ବେଳେ ଆଉ କିଛି ରାସ୍ତାକୁ ଆରଡି ଏବଂ ପିଡ୍ଲ୍ୟୁଡ଼ି ବିଭାଗ ନିର୍ମାଣ କରିବା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷାପାଣି ନିଷ୍କାସନ କରିବା ପାଇଁ ଡ୍ରେନ ବ୍ୟବସ୍ଥା କରିନାହାନ୍ତି । ଫଳରେ ପାଇପରେ ଘରକୁ ଆସୁଥିବା ପାନୀୟ ଜଳ ରାସ୍ତାରେ ଭାସି ରାସ୍ତା ଅପରିଷ୍କାର ହେବା ସହ ସେହି ପାଣିରେ ଯାତାୟାତ କରିବାକୁ ବାଧ ହେଉଛନ୍ତି ଯାତ୍ରୀ । ଆଉ କିଛି ସ୍ଥାନରେ ଦୀର୍ଘ ଦିନରୁ ପୋତି ହୋଇପଡ଼ିଥିବା ନାଳରେ ପାଣି ପଶି ରାସ୍ତା ଉପର ନାଳରେ ଥିବା ପୋକଜୋକ ରାସ୍ତା ଉପରେ ପାଣିରେ ଭାସନ୍ତି ।

ବିଶେଷ କରି ଗ୍ରାମରେ ଥିବା ଛୋଟ ପିଲାମାନେ ଏହି ରାସ୍ତାରେ ଥିବା ପାଣିରେ ଲାଗିବା ଦ୍ୱାରା ବିଭିନ୍ନ ପ୍ରକାରର ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି । ଇଏ ତ ଗଲା ଶୀତ ଏବଂ ଖରା ଦିନର କଥା । ବର୍ଷାଦିନର ଦୁଃଖ କହିଲେ ନସରେ । ଏଭଳି ଦୟନୀୟ ଚିତ୍ର ଶେରଗଡ଼ ବ୍ଲକ ସଦର ମହକୁମା ସମେତ ବିଭିନ୍ନ ପଞ୍ଚାୟତରେ ଦେଖିବାକୁ ମିଳିଛି । ଏହାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି ।

## ସରକାରୀ ଯୋଜନାର ପ୍ରଚାର ନିମନ୍ତେ କଳାକାର ପ୍ରଶିକ୍ଷଣ ଶିବିର

**ଦିଗପହଣ୍ଡି, ୨୧ ।୧(ସମିସ):** ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ବ୍ଲକ କଳା ସଂସ୍କୃତି ସଂଘ ସଭାପତି ତଥା ଦିଗପହଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଲୋକକଳା ଦ୍ୱାରା ସରକାରୀ ଯୋଜନା ଗୁଡ଼ିକର ପ୍ରଚାର ପ୍ରସାର ନିମନ୍ତେ କଳାକାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସୂଚନା ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଆୟୋଜିତ ଶିବିରରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ, ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ କୁମାର ପାଢ଼ୀ, ଜିପିଇଓ ଉମେଶ କୁମାର ସେଠୀ, ବ୍ଲକ କଳାକାର ସଂଘ ଉପସଭାପତି ବିପିନ ବିହାରୀ ଦାସ, ପ୍ରହଲ୍ଲାଦ ନାଟକ ବରିଷ୍ଠ ଗୁରୁ ଦାସରଥୀ ରେଡ୍ଡୀ, ବିଏସ୍ଏସ୍ଓ ରଶ୍ମୀ ପ୍ରକାଶିନୀ ଜାନୀ ମଞ୍ଚାସୀନ ରହି ବିଭିନ୍ନସ୍ତରର କଳାକାରଙ୍କ ପ୍ରତିଭା ଲୋକଲୋଚନକୁ ଆଣିବା ନିମନ୍ତେ ୬୦ଟି କଳାକାର ସଂଘ ସଦସ୍ୟ ମାନେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ୧୫ ଟି ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଗ୍ରାମାଞ୍ଚଳରେ ଲୋକଙ୍କୁ କିପରି ପ୍ରଚାର ଓ ପ୍ରସାର ମାଧ୍ୟମରେ ସଚେତନ କରିପାରିବେ ତାହାକୁ ନେଇ ବାଘ ନାଚ ଓ ଭାରତ ଲୀଳା ମାଧ୍ୟମରେ କଳାକାରଙ୍କୁ ତାଲିମ ଦିଆଯାଇଥିଲା । ରାଜ୍ୟ ସଂସାଧନ ସଭ୍ୟ ଆଲୋକ ବିଷୋୟୀ ମଞ୍ଚ ପରିଚାଳନା କରିଥିବା ବେଳେ ବହୁ କଳାକାର ସଂଘ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

## କାର୍-ବାଇକ୍ ମୁହାଁମୁହିଁ ଧକ୍କା; ୨ ଗୁରୁତର

**ଖଲ୍ଲିକୋଟ, ୨୧।୧(ସମିସ):** ଖଲ୍ଲିକୋଟ କରଣ ସାହିରେ ରବିବାର ସନ୍ଧ୍ୟାରେ ଗୋଟିଏ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଚିକିଲି ଗ୍ରାମର ଗଗନ ସ୍ୱାଇଁ ଓ ବେଗୁନିଆପଡ଼ା ମିରିଗିଲେଣ୍ଡି ଗ୍ରାମର ଦୀପୁ ଗୌଡ଼ ଏକ ବାଇକ୍ ଯୋଗେ ଖଲ୍ଲିକୋଟରୁ ରାତି ପ୍ରାୟ ୮ଟାରେ ନିଜ ଗ୍ରାମକୁ ଫେରୁଥିବା ବେଳେ କରଣସାହି ଆଭାସ ସ୍କୁଲ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଦୁଇ ବାଇକ୍ ଆରୋହୀ ଦୀପୁ ଓ ଗଗନ ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ତୁରନ୍ତ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି ।

## ଶିକ୍ଷକ ସଂଘର ଜିଲ୍ଲାସ୍ତରୀୟ ବୈଠକ

**ପାରଳାଖେମୁଣ୍ଡି, ୨୧ ।୧(ସମିସ):** ଗଜପତି ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଜିଲ୍ଲାସ୍ତରୀୟ ବୈଠକ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ପାରଳାଖେମୁଣ୍ଡି ସହରର ଏସଏ ଫଙ୍କସନହଲରେ ଅନୁଷ୍ଠିତ ବୈଠକରେ ସଂଘର ଉପ ସଭାପତି ବି. ଗୋପାଳ ରାଓଙ୍କ ସଭାପତିତ୍ୱରେ ହୋଇଥିଲା । ବୈଠକରେ ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଙ୍ଘର ସଭାପତି ବ୍ରହ୍ମାନନ୍ଦ ମହାରଣା, ରାଜ୍ୟ ଉପଦେଷ୍ଟା ପ୍ରଫେସର ସୁରେନ୍ଦ୍ର କୁମାର ଜେନା ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବୈଠକରେ ମୁଖ୍ୟତଃ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କିତ ଆଲୋଚନା ହୋଇଥିଲା । ଆସନ୍ତା ୨୯ ତାରିଖରେ ରାଜ୍ୟ ସ୍ତରୀୟ ଆନ୍ଦୋଳନ ପାଇଁ ଆଲୋଚନା ହୋଇଥିବାର ଜଣାପଡ଼ିଛି । ବୈଠକରେ ରାଜ୍ୟ ସାଙ୍ଗଠନିକ ସମ୍ପାଦିକା ଅଭାଳିନ ପରିଡ଼ା, ଜିଲ୍ଲା ସମ୍ପାଦକ ପ୍ରିୟ ରଞ୍ଜନ ପୂଜାରୀ, କୋଷାଧ୍ୟକ୍ଷ ଭାଗିରଥି ନାୟକ, ବସନ୍ତ ମିଶ୍ର, ଆର.ମଧୁ କୁମାର ଓ ଜିଲ୍ଲାର ୭ଟି ବ୍ଲକରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଏହି ସଭାରେ ଯୋଗଦେଇଥିଲେ । ଶିକ୍ଷକଙ୍କ ୩ଟି ମୁଖ୍ୟ ଦାବି ପୂରଣ ନ ହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି ଜଗଦିଶ ପାତ୍ର ସୂଚନା ଦେଇଛନ୍ତି ।

## ପିପୁଲ୍ଲି କଲେଜର ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ବୁଗୁଡ଼ା, ୨୧ ।୧(ସମିସ):** ସ୍ଥାନୀୟ ପିପୁଲ୍ଲି ସ୍ନାତକ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତାନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ପଞ୍ଚଦିବସୀୟ 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଛି । ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଏବଂ ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ରଜନୀକାନ୍ତ ଭଞ୍ଜ ଯୋଗଦେଇ ଓଡିଆ ଭାଷା ଓ ସାହିତ୍ୟରେ ଜଗନ୍ନାଥ ସଂସ୍କୃତିର ମହନୀୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଏ ଅବସରରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ +୩ର ନୋଡାଲ ଅଫିସର ହିମାଂଶୁ ଶେଖର ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ । +୨ର ନୋଡାଲ ଅଫିସର ସଞ୍ଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଣ୍ଡମରାଇ ପୂର୍ବତନ ସରପଞ୍ଚଙ୍କ ପରଲୋକ



**ଧରାକୋଟ, ୨୧ ।୧(ସମିସ):** ମୁଣ୍ଡମରାଇ ଗ୍ରାମ ପଞ୍ଚାୟତର ପୂର୍ବତନ ଜନତା ଦଳର ସମର୍ଥିତ ସରପଞ୍ଚ ବାଉରି ବନ୍ଧୁ ବେହେରାଙ୍କ ରବିବାର ଅପରାହ୍ନରେ ବାସଭବନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ବେହେରା ୧୯୭୫ ମସିହାଠାରୁ ରାଜନୈତିକ ଜୀବନ ଆରମ୍ଭ କରି ଧରାକୋଟ ରାଜ ପରିବାରର ସହାୟତାରେ ଜନତା ଦଳରୁ ଚାରିଥର ସରପଞ୍ଚ ଭାବରେ ନିର୍ବାଚିତ ହୋଇ ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ଥିଲେ । ମୁଣ୍ଡମରାଇ ସେବା ସମବାୟ ସମିତିର ସଭାପତି, ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ନିର୍ଦ୍ଦେଶକ ସହ ଗଞ୍ଜାମ, ଗଜପତି ଜିଲ୍ଲାର ବଳଦିଆ ସମାଜର ବଡ଼ ବେହେରା ଭାବରେ ୪୫ବର୍ଷ ଧରି ଦାୟିତ୍ୱରେ ରହିଥିଲେ । ତାଙ୍କରି ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ପାଞ୍ଚ ପୁଅ, ତିନି ଝିଅ ଓ ନାତି ନାତୁଣୀ ଉପସ୍ଥିତ ରହିଥିଲେ ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା



**କବିସୂର୍ଯ୍ୟନଗର, ୨୧ ।୧(ସମିସ):** ଏ. ବରିଡା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର । ଏହି ଶିବରରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ । କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ ସମ୍ମାନିତ ଅତିଥି, ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରିକା ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ବଳରାମ ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ସାହୁ, ସିଡିପିଓ ବୀଣାପାଣି ମିଶ୍ର, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟା ପିପିନା ସାହୁ ପ୍ରମୁଖ ଯୋଗଦେଇ ଦୀପ ପ୍ରଜ୍ୱଳନ କରିବା ସହ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଡା ମନ୍ଦିର ପରିଚାଳନା ସଭାପତି କୃଷ୍ଣଚନ୍ଦ୍ର ବେହେରା, ସମ୍ପାଦକ ସୂର୍ଯ୍ୟମଣି ପ୍ରଧାନ, ପ୍ରାକ୍ତନ ସଭାପତି ନବଘନ ପ୍ରଧାନ, ବରିଡା ଉନ୍ନୟନ କମିଟି ସଭାପତି ରାଜେନ୍ଦ୍ର କୁମାର ସାହୁ, ସମ୍ପାଦକ ନୀଳମାଧଓ ପ୍ରଧାନ, ଷ୍ଟେରିଙ୍ଗ କମିଟି ସଭାପତି ଭଗବାନ ପ୍ରଧାନ, ସମାଜସେବୀ ବିକ୍ରମ କୁମାର ସାହୁ, ସିଆରସିସି ଧବଳେଶ୍ୱର ସାହୁ, ନାଏବ ସରପଞ୍ଚ ପ୍ରତିଭା ପ୍ରଧାନ, ଆମ୍ବୁଆ ସରପଞ୍ଚ ଅମୀୟ ମାହୁନ୍ତ, ଜିପିଇଓ ପ୍ରଭଞ୍ଜନ ପରିଡ଼ା, ପିଇଓ ରାମକୃଷ୍ଣ ପାଣିଗ୍ରାହୀ, ସମସ୍ତ ୱାର୍ଡ ସଭ୍ୟସଭ୍ୟା, ଅଙ୍ଗନବାଡି କର୍ମୀ ଆଦିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷାବିତ ଦିବାକର ଶତପଥି ଓ ବିଭାଗର କର୍ମଚାରୀ ମାନେ ପରିଚାଳନା କରିଥିଲେ । ସେହିପରି କବିସୂର୍ଯ୍ୟନଗର ବ୍ଲକ କନିଆରୀ ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଡିଓ ସାଗରୀକା ଷଡ଼ଙ୍ଗୀ, ଏବିଡ଼ିଓ ନାରାୟଣ ବେହେରା, ବ୍ଲକ ଅଧକ୍ଷକ୍ଷ ଜ୍ୟୋର୍ତିମୟୀ ସ୍ୱାଇଁ, ବିଇଓ ଅଭିମନ୍ୟୁ ସାହୁ, ସରପଞ୍ଚ ରବୀନ୍ଦ୍ର ବେହେରା, ଯୁବନେତା ରଞ୍ଜନ ପ୍ରଧାନ, ବିକ୍ରମ ନାହାକ, ସିଆରସିସି, ନ୍ୟାୟ ସରପଞ୍ଚ, ପଞ୍ଚାୟତ ଅଫିସର, ବିପିଏମ ରାଜକିଶୋର ସାହୁ ଓ ଅନ୍ୟାନ୍ୟ ଅତିଥି ମଞ୍ଚାସୀନ ଥିଲେ ।

## ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ

# ଗରିଲା ଯୁଦ୍ଧରେ ପାରଙ୍ଗମ ଥିଲେ ବୀର ଚକରା

ଭଞ୍ଜନଗର, ୨୧ ।୧(ସମିସ):



ଘୁମୁସର ମାଟିର ମହାନ ବିପ୍ଳବୀ ବୀର ତଥା ସ୍ୱାଧୀନତା ସଂଗ୍ରାମୀ ଚକରା ବିଷୋୟୀଙ୍କ ୨୦୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ସ୍ଥାନୀୟ ଏନଏସି ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚକରାଙ୍କ ଜୀବନୀ, ବୀରତ୍ୱ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ । ଘୁମୁସର ମାଟିର ଏହି ମହାନ୍ ବିପ୍ଳବୀ ବ୍ରିଟିଶ୍ ଶାସକମାନଙ୍କ ଆଖିରୁ ନିଦ ହଜାଇ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମ ଓ ଭାରତ ମୁକ୍ତି ସଂଗ୍ରାମରେ ଚକରାଙ୍କ ସ୍ୱତନ୍ତ୍ର ଅବଦାନ ରହିଛି । ଏହି ମହାନାୟକଙ୍କ ବିଷୟରେ ଗୌରବମୟ ଇତିହାସକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାକୁ ସାମୂହିକ ଉଦ୍ୟମର ଆବଶ୍ୟକ୍ତା ରହିଛି । ଇଂରେଜଙ୍କ ବିରୋଧରେ ଚକରାଙ୍କ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ କେବଳ ଘୁମୁସର ମାଟିର ପରିସର ମଧ୍ୟରେ ସୀମିତ ନଥିଲା, ସାରା ଓଡ଼ିଶାକୁ ସେ ନିଜର କର୍ମକ୍ଷେତ୍ର ଥିଲା । ପ୍ରତିବର୍ଷ ଚକରା ବିଷୋୟୀଙ୍କ ଜୟନ୍ତୀକୁ ଭଞ୍ଜନଗର ଠାରେ ଆଡମ୍ବର ସହକାରେ ପାଳନ କରିବା ସହ ଏହି ମହାନ ସଂଗ୍ରାମୀଙ୍କ ଗାଥାର ପ୍ରଚାର ପ୍ରସାର ଉପରେ ଉଦ୍ୟମ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଆରୁଖ କହିଥିଲେ । ଉପଜିଲ୍ଲାପାଳ ଅନୀଲ ସେଠୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ମନ୍ମଥ କୁମାର ଶତପଥୀ ଓ ଭଞ୍ଜନଗର ଏନ୍ଏସି ନଗରପାଳ ଗୋପବନ୍ଧୁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ୧୮୨୩ ପବିତ୍ର ଶାମ୍ବ ଦଶମୀରେ ଭଞ୍ଜନଗର ବ୍ଲକ ସାନକୋଦଣ୍ଡା ପଞ୍ଚାୟତର ବିଞ୍ଜିଗିରି ଗ୍ରାମ ନିକଟ ତୋରାବାଡ଼ିରେ ଜନ୍ମିତ ଚକରାଙ୍କ ମନରେ ପିଲାଟି ଦିନରୁ ହିଁ ବିପ୍ଳବର ବହ୍ନି ଜଳି ଉଠିଥିଲା । ଏଥିପାଇଁ ସେ ଯୁଦ୍ଧବିଦ୍ୟା ତାଲିମ ପ୍ରଦାନ ପାଇଁ ପ୍ରଶିକ୍ଷଣ କେନ୍ଦ୍ର ଓ ଆଖଡ଼ା ପ୍ରସ୍ତୁତ କରିଥିଲେ । କିନ୍ତୁ ଆଜି ବି ଚକରାଙ୍କ ଜୀବନୀ ଓ ବୀରତ୍ୱ ସହ ଜଡ଼ିତ ଅନେକ କାହାଣୀ ଅନାଲୋଚିତ ହୋଇ ରହିଛି । ଐତିହାସିକ ମାନେ ଏଥିପାଇଁ ଗବେଷଣା କରିବା ଆବଶ୍ୟକ ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ । କେଏସ୍‌ୟୁବି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଦାଶ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଚକରାଙ୍କ ବିପ୍ଳବ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ରାଜ୍ୟସ୍ତରୀୟ ସମାରୋହ ଭଞ୍ଜନଗର ମାଟିରେ ଆୟୋଜିତ ହୋଇଥିବାରୁ କୃତଜ୍ଞତା ଜଣାଇଥିଲେ । ଏ ଅବସରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଚକରାଙ୍କ ନାମରେ ଏକ ଏକାଡେମୀକ ବ୍ଲକ ନିର୍ମାଣ ଓ ଏନ୍ଏସି ପକ୍ଷରୁ ଭେଜିପୁଟରେ ହେବାକୁ ଥିବା ବହୁମୁଖୀ ଗୋଷ୍ଠୀକେନ୍ଦ୍ରକୁ ଚକରା ନାମରେ ନାମିତ କରିବାକୁ ପ୍ରସ୍ତାବ ଦିଆଯାଇଛି । ସାନକୋଦଣ୍ଡା ପଞ୍ଚାୟତ ଯୋଗୀମାରି ଗ୍ରାମର ବଳରାମ ପ୍ରଧାନ, ବିଞ୍ଜଗିରି ଗ୍ରାମର ରାଧାମୋହନ ଗୌଡ଼, ଦଣ୍ଡାଶୁଣି ନାୟକ, ନେତାଜୀ ବିଷୋୟୀ, ଲକ୍ଷ୍ମଣ ପାତ୍ର, କୃଷିବାସ ବିଶ୍ୱାଳ ଏବଂ ମନ୍ମଥ ଶତପଥୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଢେଙ୍କାନାଳର ଆସିଥିବା କଳାକାରମାନେ 'ମୁଁ ଚକରା କହୁଛି' ନାଟକ ପରିବେଷଣ କରିଥିଲେ । ଏହାସହ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ଛତ୍ରପୁର, ୨୧ ।୧(ସମିସ):** ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଜାରି ରହିଛି । ଆମ ଓଡ଼ିଶା ନବୀନ ଓଡ଼ିଶା ଏହାର ଅନ୍ୟ ଏକ ମାଧ୍ୟମ ସାଜିଛି । ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶଧାରା ମାଧ୍ୟମରେ ଏକ ବିକଶିତ ଓଡ଼ିଶା ଗଠନ କରିବା ମଙ୍ଗ ଧରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ଙ୍କୁ ରବିବାର ଅନୁଷ୍ଠିତ ପୋଟଲାମପୁର ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ଯୋଗଦେଇ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା କୃତଜ୍ଞତା ଜଣାଇଛନ୍ତି । ପୋଟଲାମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଏବଂ ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁଙ୍କ ସଂଯୋଜନାରେ ପଞ୍ଚାୟତରସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହେବା ସହିତ ପଞ୍ଚାୟତର ବିକାଶର ବିବରଣୀ ରଖିଥିଲେ । କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ପ୍ରତିଭା ସାହୁ, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷ ଏସ. ଶାରଦା ରେଡ୍ଡୀ, ବିଡ଼ିଓ ସୁଶାନ୍ତ କୁମାର ବରାଳ, ରାଜ୍ୟ କୃଷି ବିପଣନ ନିଗମର ଉପଦେଷ୍ଟା ତଥା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ୨୧ନଂ ଜିଲ୍ଲା ପରିଷଦ ସଭ୍ୟା ଛବିତା ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ ଓ ଏସ. କିଶୋର ରେଡ୍ଡୀ, ପୂର୍ବତନ ସାଂସଦ ପ୍ରତିନିଧି ବିଶ୍ୱନାଥ ସୁବୁଦ୍ଧି ଓ ମହେଶ୍ୱର ପ୍ରଧାନ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ପୂର୍ବତନ ସମିତି ସଭ୍ୟ ଏନ ଦୁର୍ଯ୍ୟୋଧନ ରେଡ୍ଡୀ ଓ ଜ୍ୟୋତି ରଞ୍ଜନ ସାହୁ, ବାପି ଦାସ, ସୁରେଶ ଦାଶ, କିଶୋର ବେହେରା, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଜୟସେନ ବେହେରା, ପିଇଓ ସନ୍ତୋଷ କୁମାର ବେହେରା, ଅଭିରାମ ପ୍ରଧାନ, ଟିକିନା ଗୌଡ଼ ଓ ସନ୍ତୋଷ ବେହେରାଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା କିଛି ହିତାଧିକାରୀ ମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା ।



# ଗଞ୍ଜାମ ଏସ୍‌ପି ଜଗମୋହନ ମୀନାଙ୍କୁ ମିଳିବ ରାଜ୍ୟପାଳ ପଦକ

**ଛତ୍ରପୁର, ୨୧ ।୧(ସମିସ):** ଗଞ୍ଜାମ ଏସପି ଜଗମୋହନ ମୀନାଙ୍କୁ ମିଳିବ ରାଜ୍ୟପାଳ ପଦକ। ୭୫ତମ ସାଧାରଣତନ୍ତ୍ର ଦିବସ ଅବସରରେ ଗଞ୍ଜାମ ଏସପିଙ୍କୁ ୨୦୨୩ ବର୍ଷ ପାଇଁ ରାଜ୍ୟପାଳଙ୍କ ପଦକ ପାଇଁ

## ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ



ମନୋନୀତ କରାଯାଇଛି। ଏହି ସମ୍ମାନ ଜନକ ପୁରସ୍କାର ଲାଗି ଏସପି ଜଗମୋହନ ମୀନାଙ୍କୁ ଓଡ଼ିଶା ପୁଲିସ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ବରିଷ୍ଠ ଆଇପିଏସ ଅଧିକାରୀ ଜଗମୋହନ ମୀନା ୨୦୨୩ ଜାନୁଆରୀ ୮ରେ ଗଞ୍ଜାମ ଏସପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ସହ ବିଭିନ୍ନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରି ରାଜ୍ୟ ଓ ଦେଶରେ ସୁନାମ ଆଣିଛି। ଅପରାଧ ରୋକିବା, ଆଇନ ଶୃଙ୍ଖଳା ଆଦି କ୍ଷେତ୍ରରେ ଗଞ୍ଜାମ ଏସପି କାର୍ଯ୍ୟଶୈଳୀ ଖୁବ ପ୍ରଶଂସନୀୟ। ୨୦୨୩ବର୍ଷରେ ପ୍ରଗତି ଡ୍ୟାସବୋର୍ଡ ମାର୍କିଂରେ ଗଞ୍ଜାମ ପୁଲିସ ଜିଲ୍ଲା ପ୍ରଥମ ସ୍ଥାନ ରହିଥିଲା। କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱାର୍କ ସିଷ୍ଟମ (ସିସିଟିଏନ୍‌ଏସ୍) ପଦ୍ଧତିରେ ଲୋକଙ୍କୁ ଉତ୍ତମ ସେବା ଯୋଗାଇବାରେ ଗଞ୍ଜାମ ପୁଲିସ ଜିଲ୍ଲା ରାଜ୍ୟରେ ପ୍ରଥମ ହୋଇପାରିଛି। ଲୋକଙ୍କୁ ଉତ୍ତମ ସେବା, ଉତ୍ତମ ବ୍ୟବହାର, ଥାନାକୁ ଆସୁଥିବା ମାମଲା ଗୁଡିକ ତୁରନ୍ତ ଫଇସଲା ଆଦି ଉପରେ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ମଧ୍ୟ ପୁଲିସ ତାର କର୍ତ୍ତବ୍ୟ ଏବଂ ଲୋକଙ୍କୁ ସଠିକ ସେବା ଯୋଗାଇବାରେ ଗଞ୍ଜାମ ପୁଲିସ ଜିଲ୍ଲା ସର୍ବଦା କାର୍ଯ୍ୟ ଜାରି ରଖିବ ବୋଲି ଗଞ୍ଜାମ ଏସପି ଜଗମୋହନ ମିନା କହିଥିଲେ। ରାଜ୍ୟପାଳ ପଦକ ପୁରସ୍କାର ଘୋଷଣା ପରେ ଗଞ୍ଜାମ ଏସପି ଶ୍ରୀ ମୀନାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

■ ସାମୂହିକ ଛୁଟିରେ ପ୍ରାଣୀ ଚିକିତ୍ସକ

# ମିଳିଲାନି ଚିକିତ୍ସା; ମୃତ୍ୟୁମୁଖରେ ୨ ଗାଈ

**ଛତ୍ରପୁର,୨୧ ।୧(ସମିସ):** ପ୍ରାଣୀ ଚିକିତ୍ସକଙ୍କ ସାମୂହିକ ଛୁଟି ଆନ୍ଦୋଳନ ରବିବାର ଚତୁର୍ଥ ଦିନରେ ପହଞ୍ଚିଛି। ଯାହାକୁ ନେଇ ଛତ୍ରପୁର ପ୍ରାଣୀ ଚିକିତ୍ସାଳୟ ପରିସରରେ ପ୍ରବଳ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୧୯ ତାରିଖରେ ଗୋଟିଏ ଏବଂ ୨୦ ତାରିଖରେ ଆଉ ଗୋଟିଏ ଗାଈ ସଡ଼କ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କେତେଜଣ ସ୍ୱେଚ୍ଛାସେବୀ ୧୯୬୨ ନମ୍ବରକୁ ଜଣାଇ ଡାକ୍ତରୀ ଦଳ ପଠାଇବା ନିମନ୍ତେ ଅନୁରୋଧ କରିଥିଲେ। କିନ୍ତୁ କୌଣସି ଆଶାନୁରୂପ ଫଳ ନମିଳିବାରୁ ବାଧ୍ୟ ହୋଇ ନିଜ ବ୍ୟବସ୍ଥାରେ ଗାଈକୁ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଛାଡ଼ି ଦେଇ ଯାଇଥିଲେ। ଗୁରୁତର ଅବସ୍ଥାରେ ଥିବା ଗାଈ ଦୁଇଟିକୁ ଅଧସ୍ତନ ସହାୟକ ମାନେ ପ୍ରାଥମିକ ଚିକିତ୍ସା ଦେଇଥିଲେ। ଉପଯୁକ୍ତ ଡାକ୍ତରୀ ସେବା ଅଭାବରେ ଗାଈ ଦୁଇଟି ଯନ୍ତ୍ରଣାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଛତ୍ରପୁର ପ୍ରାଣୀ ଚିକିତ୍ସାଳୟ ପରିସରକୁ ଦୈନିକ ଅସୁସ୍ଥ ପ୍ରାଣୀଙ୍କ ଚିକିତ୍ସା ନିମନ୍ତେ ଆସୁଥିବା ଜନସାଧାରଣ ଡାକ୍ତର ମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ହେତୁ ବହୁତ ହଇରାଣ ହେଉଛନ୍ତି।

# ବିରଞ୍ଚି ନାରାୟଣ ମନ୍ଦିରରେ ଶାମ୍ବ ଦଶମୀ

**ବୁଗୁଡ଼ା, ୨୧ ।୧(ସମିସ):** ସ୍ଥାନୀୟ ଶ୍ରୀବିରଞ୍ଚି ନାରାୟଣ ମନ୍ଦିରରେ ଶାମ୍ବ ଦଶମୀ ପର୍ବ ଶ୍ରଦ୍ଧାଳୁଙ୍କ ଗହଣରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ



ମଙ୍ଗଳ ଆଳତି, ଅବକାଶ ନୀତି, ବାଲ ସୂର୍ଯ୍ୟପୂଜା, ତ୍ରିକାଳ ପୂଜା ନୀତି ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ପୁରୋହିତ ଚିତ୍ତ ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ବୈଷ୍ଣବ ଚରଣ ଦାଶ, ଚିନ୍ମୟ ଦାଶ, ଶିବ ପ୍ରସାଦ ଦାଶ, ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ହୋମକାର୍ଯ୍ୟ ସମ୍ପାଦନ କରିଥିଲା ବେଳେ ମହନ୍ତ ଭକ୍ତରାମ ଦାସ ହୋମ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତ୍ରିକାଳ ସନ୍ଧ୍ୟାରେ ଚନ୍ଦ୍ର ପୂଜା, ଆଳତି, ରାଜ ଭୋଗ, ବଡ଼ସିଙ୍ଘାର ନୀତି ଆଦି ପୂଜକ ଉମାକାନ୍ତ ଦାଶଙ୍କ ଦ୍ୱାରା ଯଥାବିଧି ପ୍ରକାରେ ସମ୍ପନ୍ନ ହୋଇଥିଲା। ଉକ୍ତ ପର୍ବ ପାଳନ ଅବସରରେ ଚର୍ମ ରୋଗରୁ ମୁକ୍ତି ପାଇବା ପାଇଁ ମାନସିକଧାରୀଙ୍କ ସମାବେଶ ଦେଖିବାକୁ ମିଳିଥିଲା।

# ନବୋଦୟ ପ୍ରବେଶିକା ପରୀକ୍ଷା

**ଦିଗପହଣ୍ଡି,୨୧ ।୧(ସମିସ):** ଦିଗପହଣ୍ଡିସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠୀଙ୍କ ତତ୍ତ୍ୱାବଧାନରେ ୨ଟି ପରୀକ୍ଷା କେନ୍ଦ୍ରରେ ୪୪୪ ଜଣ ବିଦ୍ୟାର୍ଥୀ ମଧ୍ୟରୁ ୪୦୮ ଜଣ ପରୀକ୍ଷା ଦେଇଥିଲେ। ପ୍ରଥମତଃ ବଡ଼ଖେମୁଣ୍ଡି ହାଇସ୍କୁଲରେ ୨୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୨ ଜଣ ପରୀକ୍ଷା ଦେଇଥିବା ବେଳେ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୪ ଜଣରୁ ୧୮୬ ଜଣ ପରୀକ୍ଷା ଦେଇଥିଲେ। ତେବେ ଉଭୟ ପରୀକ୍ଷା କେନ୍ଦ୍ରରେ ୩୬ ଜଣ ଅନୁପସ୍ଥିତ ରହିଥିଲେ। ଏବିଇଓ ବାଳା ମାଝୀ, ରସାନନ୍ଦ ଘଡେଇ, ବିଶ୍ରବା ପାଇକ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପାଣିଗ୍ରାହୀ ଓ ବଡଖେମୁଣ୍ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ କୋରା ପ୍ରସାଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ନବୋଦୟ ପରୀକ୍ଷା ଦେଲେ ୨୪୯ ଛାତ୍ରଛାତ୍ରୀ

**ସାନଖେମୁଣ୍ଡି,୨୧ ।୧(ସମିସ):** ପାଟପୁର ହାଇସ୍କୁଲରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ପ୍ରବେଶିକା ପରୀକ୍ଷା ଶନିବାର ସାନଖେମୁଣ୍ଡି ବ୍ଲକ ପାଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୨୮୬ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ୨୪୯ ଜଣ ଛାତ୍ରଛାତ୍ରୀ ଏହି ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ୩୭ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ଚୌଧୁରୀଙ୍କ ଉପସ୍ଥିତିରେ ପରୀକ୍ଷା ପରିଚାଳନା ହୋଇଥିଲା।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ପାତ୍ରପୁର, ୨୧ ।୧(ସମିସ):** ପାତ୍ରପୁର ବ୍ଲକ ଅନ୍ତର୍ଗତ ସାମନ୍ତିଆପଲ୍ଲୀସ୍ଥିତ ଶ୍ରୀଭରତ ପତି ମହାବିଦ୍ୟାଳୟରେ 'ନୂଆ-ଓ' ପରିପ୍ରେକ୍ଷୀରେ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ତରଫରୁ ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଘ୍ନେଶ୍ୱର ସାହୁ ଯୋଗଦେଇଥିବା ବେଳେ ଡ. ଲକ୍ଷ୍ମୀନାରାୟଣ ଦାସ ମୁଖ୍ୟବକ୍ତା ଭାବେ ଉପସ୍ଥିତ



ଥିଲେ। ଅଧ୍ୟାପକ ଡ. ଅଶୋକ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ଗଣନାଥ ନାୟକ ସଭା ପରିଚାଳନା କରିଥିବା ବେଳେ ବିଭୀଷଣ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ତପନ କୁମାର ପ୍ରଧାନ, କେ. ଶ୍ରୀନିବାସ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ବୁଢ଼ାମ୍ବ ପଞ୍ଚାୟତରେ କିଶୋରୀ ମେଳା

**କବିସୂର୍ଯ୍ୟନଗର, ୨୧ ।୧(ସମିସ):** ପୋଷାକର ଅଭିବୃଦ୍ଧି ପାଇଁ ଓଡ଼ିଶା ସରକାର ଏକ ଅଭିନବ ଉପାୟ 'କିଶୋରୀ ମେଳା' ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ୧୫ରୁ ୧୯ ବୟସର କିଶୋରୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥାଏ। ଉଚ୍ଚତା ଓ ଓଜନ ଦୃଷ୍ଟିରେ ହିମୋଗ୍ଲୋବିନ ପରୀକ୍ଷା



କରାଯାଇଥାଏ। ପ୍ରତି ମାସରେ କିଶୋରୀ ମାନଙ୍କୁ ୮୦ ଟଙ୍କାର ଅଣ୍ଡା, କିଲୋ ମୁଢ଼ି ଓ ଦେଢ଼ କିଲୋ ଭଜା ବୁଟ ପ୍ରଦାନ କରାଯାଏ। ଶନିବାର ବୁଢ଼ାମ୍ବ ପଞ୍ଚାୟତ କାର୍ଯ୍ୟାଳୟରେ ସମସ୍ତ କିଶୋରୀ ଏକାଠି ହୋଇ ଏହାର ସୁଯୋଗ ନେବା ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସଫଳ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ତଥା ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ସରପଞ୍ଚ ସୁଜିତା ପଣ୍ଡା, ଅଙ୍ଗନବାଡ଼ି କର୍ମୀ, ଆଶା, ମେଡିକାଲ ଷ୍ଟାଫ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**କବିସୂର୍ଯ୍ୟନଗର, ୨୧ ।୧(ସମିସ):** କବିସୂର୍ଯ୍ୟନଗର ବ୍ଲକ ଆଠଗଡ଼ପାଟଣା ଜଗନ୍ନାଥ ମନ୍ଦିରର ବିଭିନ୍ନ ପ୍ରକଳ୍ପ ପାଇଁ ୧.୯୮ କୋଟି ଟଙ୍କାର ବ୍ୟୟବରାଦ କରିବା ସହ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି କବିସୂର୍ଯ୍ୟନଗର ବିଧାୟିକା



ଲତିକା ପ୍ରଧାନ। ବିଧାୟିକା ଆଠଗଡ଼ ଜଗନ୍ନାଥ ମନ୍ଦିରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଠଗଡ଼ ସରପଞ୍ଚ ପ୍ରତିନିଧି ଆଦିତ୍ୟ କୁମାର ତ୍ରିପାଠୀ, ସମିତି ସଭ୍ୟ ପ୍ରତନିଧି ସୁନୀଲ କୁମାର ପୋଲାଇ, କିଶୋର ଚନ୍ଦ୍ର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରାକ୍ତନ ଆଠଗଡ଼ ସରପଞ୍ଚ ଶମ୍ଭୁପାଣି ବେହେରା, ଚିତ୍ତରଞ୍ଜନ ସାହୁ, ଜେଇ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଶ୍ରାମ ଗୃହ, ପାର୍କିଂ ବ୍ୟବସ୍ଥା, ହବିଷ୍ୟାଳି ଭବନ, ମନ୍ଦିର ରୋଷେଇ ଗୃହ ଓ ଶୌଚାଳୟ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**କୁକୁଡ଼ାଖଣ୍ଡି, ୨୧ ।୧(ସମିସ):** ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଆଙ୍କୁଶପୁରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଡିଓ ଡା. ପଲ୍ଲବୀ ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଭାରତୀ ନାୟକ, ଏଇଇ ଅନୁରାଗ ରଥ, ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁପ୍ରଭା ସାହୁ, ଏଓ ସୀମାଞ୍ଚଳ ମୋହନ୍ତି, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ, ଯୋଗାଣ ନିରୀକ୍ଷକ ଧିରେନ୍ ସାହୁ, ଡବ୍ଲୁଇଓ ଅମୃତ ପଣ୍ଡା, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ମୁରଲୀ ସେଠୀ, ସମିତି ସଭ୍ୟା ସୁନିତା ସେଠୀ, ନାୟବ ସରପଞ୍ଚ ନମିତା ସାହୁ, ସରପଞ୍ଚ ବଶିଷ୍ଠ କୁମାର ଜେନା, ରାଧାମୋହନ ସେଠୀ, କାପଲ ବୁଲୁ, ଚିତ୍ତରଞ୍ଜନ ବିଷୋୟୀ, ଅନିଲ କୁମାର ଗୌଡ଼, ଦେବାଶିଷ ସେଠୀ, ସରପଞ୍ଚ ପ୍ରତିନିଧି ଟୁକୁନା ସେଠୀ, ଟୁନା ନାୟକ, ଶଙ୍କର ମହାକୁଡ଼, ସୁକାନ୍ତ ସାସମଲ, ହନୁମାନ, ଜିତେନ୍ଦ୍ର ସେଠୀ, ସମବାୟ ସମିତିର ସଭାପତି ସୁରେଶ ସେଠୀ, ଏଏଫଓ ମୋନାଲିସା ମିଶ୍ର, କୃଷି ଅଧିକାରିଣୀ ସଂଯୁକ୍ତା ପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଦୀପ୍ତ କୁମାର ତହଲ, ଚିନ୍ମୟୀ ବେହେରା, ମହେଶ୍ୱର ବେହେରା, ଜିଆରଏସ ଧର୍ମେନ୍ଦ୍ର ସାହୁ, ଯୋଗାଣ ସହାୟକ ବୁଲୁ ସାହୁଙ୍କ ସମେତ ଏମବିକେ, ସିଆରପି, ଅଙ୍ଗନବାଡ଼ି କର୍ମୀ ଆଶାକର୍ମୀ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ଧରାକୋଟ,୨୧ ।୧(ସମିସ):** ଧରାକୋଟ ବ୍ଲକ ଅନ୍ତର୍ଗତ ଓଳମ୍ବା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡେନିସ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଏବିଡିଓ ଶୁଶିଲ କୁମାର ପଟ୍ଟନାୟକ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ଗୌଡ଼, କନିଷ୍ଠ ଯନ୍ତ୍ରୀ ଅର୍ଚ୍ଚନା ପଣ୍ଡା, ରାଜଲକ୍ଷ୍ମୀ, ଦୀପ୍ତିରେଖା ନାଥ, ବ୍ଲକ ଜୀବିକା ମିଶନ ସଂଯୋଗ ପ୍ରତାପ ସ୍ୱାଇଁ, ପଞ୍ଚାୟତ ଅଧିକାରୀ କିଶୋର ସାହୁ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଓଳମ୍ବା ସରପଞ୍ଚ ସୁଧାକର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଅଙ୍ଗନବାଡ଼ି କର୍ମୀ ଏବଂ ଓଳମ୍ବା ପଞ୍ଚାୟତର ସମସ୍ତ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନିର୍ବାହୀ ଅଧିକାରୀ ଅମୂଲ୍ୟ ରାଉଳ, ସରପଞ୍ଚ ପ୍ରତିନିଧି ସମୀର ସ୍ୱାଇଁ, ଘନଶ୍ୟାମ ପାଣିଗ୍ରାହୀ, ମନୋଜ ସ୍ୱାଇଁ, କୈଳାସ ପାଣିଗ୍ରାହୀ, ଜିଆରଏସ୍ ଅଶ୍ମିତା ପଟ୍ଟନାୟକ, କାଲୁ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ




**ବୁଗୁଡ଼ା,୨୧ ।୧(ସମିସ):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଭାମଶ୍ୟାଳି ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜି.ନାଗେଶ୍ୱର ରାଓଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜାନକୀବଲ୍ଲଭ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସିଆରସିସି ବାୟା ସେଠୀ, ଆଲୁମିନି ପ୍ରେସିଡେଣ୍ଟ ଭୁବନେଶ୍ୱର ଦୋରା, ଏସ୍‌ଏମସି ସଭାପତି କୃଷ୍ଣଚନ୍ଦ୍ର ପୋଲେଇ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ସେହିପରି ବୁଗୁଡ଼ା ଏନଏସି ଅନ୍ତର୍ଗତ ବୁଦ୍ଧଗିରି ବିଦ୍ୟାପୀଠ ପକ୍ଷରୁ ସୃଜନଶୀଳତା ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବରିଷ୍ଠ ଶିକ୍ଷକ ରମେଶ ଚନ୍ଦ୍ର ମହାପାତ୍ର ଓ ଏସ୍‌ଏମସି ସଭାପତି ଦିବ୍ୟ ଚରଣ ଦାଶ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କିରାଣୀ ଗନ୍ଧର୍ବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ରମ୍ଭା :** ସାବୁଳିୟା ଷ୍ଟୁଡେଣ୍ଟସ ନୋଡାଲ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦୁଶ୍ରୀ ଶର୍ମାଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ପରିଚୟ ଓ ସଂଯୋଜନା ବରିଷ୍ଠ ଶିକ୍ଷକ ଅମର ପ୍ରସାଦ ନାୟକ ଦେଇଥିବାବେଳେ ପ୍ରାରମ୍ଭିକ ସଙ୍ଗୀତ ଶ୍ରୀୟା ସେନାପତି, ରାଜଲକ୍ଷ୍ମୀ, ଲିପି, ରୁଚିରା, ଯାଜ୍ଞସିନୀ, ସାଇଶ୍ରୀ, ପ୍ରତୀକ୍ଷା, ସାଇନି ପ୍ରମୁଖ ଗାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସରପଞ୍ଚ ଅହଲ୍ୟା ବେହେରା, ସରପଞ୍ଚ ପ୍ରତିନିଧି ଶଶଧର ବେହେରା, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ଦାସ, ସମିତି ସଭ୍ୟା ବବିତା ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରଛାତ୍ରୀଙ୍କୁ ହିତ ଉପଦେଶ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଧନ୍ୟବାଦ ଦେଇଥିଲେ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାସ। ଶିକ୍ଷକ ମୃତ୍ୟୁଞ୍ଜୟ ସେନ, କବିତା ବିଶ୍ୱାଳ, ଦୀପ୍ତିମୟୀ ପାତ୍ର, ରୀନାରାଣୀ ଦେଇ, ପ୍ରତିମା ଦେଇ, ପପୁନି ଦାସ, ଅମ୍ରିତାପଣ୍ଡା, ସ୍ୱପ୍ନା ନାହାକ, ମଧୁସ୍ମିତା ସାହୁ, ଗୌରାଙ୍ଗ ଚରଣ ସେଠୀ, ପ୍ରିୟଙ୍କା ବରାଳ, ବିଦ୍ୟାଧର ବାଲା, ଭାସ୍କର ଚନ୍ଦ୍ର ଘାସି, ବବଲି ବେହେରା, ଅଶ୍ୱିନୀ କୁମାର ଦାସ, ଯୋଗେନ୍ଦ୍ର ଗୌଡ଼, ପ୍ରମିଳା ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।



# ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ରମ୍ଭା, ୨୧ ।୧(ସମିସ):** ଅଯୋଧ୍ୟାରେ ରାମଲାଲାଙ୍କ ସ୍ଥାପନା ଉଦ୍ଦେଶ୍ୟରେ ପଥରାଠାରେ ବିଭିନ୍ନ ମନ୍ଦିର ଯଥା ଠାକୁରାଣୀ ମନ୍ଦିର, ହନୁମାନ ମନ୍ଦିର ରଘୁନାଥ ରାମ ମନ୍ଦିରଠାରେ ମନ୍ଦିର ସଫେଇ ସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆସ୍କା ଲୋକସଭା ପ୍ରତିନିଧି ତଥା ରାଜ୍ୟ ସ୍ୱଚ୍ଛ ଭାରତ ମୁଖିଆ ମହେଶ ମହାନ୍ତିଙ୍କ ଆନୁକୂଲ୍ୟରେ ରାମଭକ୍ତ ମାଧବ ଛହଲଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ଓବିସି ମୋର୍ଚ୍ଚା ନେତା ଗୋପାଳ କୃଷ୍ଣ ଗୌଡ଼, ମହିଳା ନେତ୍ରୀ ବିଜୟଲକ୍ଷ୍ମୀ ବାଲା, ସାବିତ୍ରୀ ମହାରଣାଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# ଶଙ୍କର ସ୍ଥିରଚିତ୍ର ସିନେମାର ବାର୍ଷିକୋତ୍ସବ

**ବ୍ରହ୍ମପୁର, ୨୧ ।୧(ସମିସ):** ସହର ଉପକଣ୍ଠ ଲାଠୀ ଗାଁରେ ଥିବା ଶଙ୍କର ଭ୍ରାମ୍ୟମାଣ ସ୍ଥିରଚିତ୍ର ସିନେମାର ୫୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମସ୍ଥିତ ବ୍ରହ୍ମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ସରପଞ୍ଚ ରାଧାମୋହନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଭାସ୍କର ମହାରଣା ସ୍ଥିରଚିତ୍ର ସିନେମାର ୫୧ବର୍ଷର ସଂଘର୍ଷମୟ ଯାତ୍ରା ବିଷୟରେ ଆଲୋକପାତ କରିଥିଲେ। ବରିଷ୍ଠ ଆୟୁର୍ବେଦିକ ଚିକିତ୍ସକ, ଗାଳ୍ପିକ, କଥାକାର, ନିର୍ଦ୍ଦେଶକ ତଥା ରାଜସ୍ୱ କମିଶନର କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ରମେଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ଥିରଚିତ୍ର ସିନେମା ସହ ଜଡ଼ିତ ନିଜର ସ୍ମୃତି ଓ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ରଙ୍କନିଧି ପଣ୍ଡା, ପୂର୍ବତନ ସମିତିସଭ୍ୟ ଦେବରାଜ ଗୌଡ଼ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ସିନେମା ତା'ର ୫୧ବର୍ଷର ଯାତ୍ରା ମଧ୍ୟରେ କଂସବଧ, ଜନ୍ମାଷ୍ଟମୀ, ବାଳିସୁଗ୍ରୀବ ଯୁଦ୍ଧ ଭଳି ବିଭିନ୍ନ ସିନେମା ନିର୍ମାଣ କରି ଲୋକପ୍ରିୟତା ହାସଲ କରିଥିଲା।

# ପାଣ୍ଡିଆପଥର ପଞ୍ଚାୟତରେ ସଚେତନତା ଶିବିର

**ଆସିକା, ୨୧ ।୧(ସମିସ):** ଆସିକା ବ୍ଲକ ପାଣ୍ଡିଆପଥର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନୀଳାଞ୍ଚଳ ଗୌଡ଼ଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ ଓ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡ଼ିଓ ଫକୀର ଚରଣ ପରିଡ଼ା,



ପଞ୍ଚାୟତ ସମିତି ଅଧ୍ୟକ୍ଷା ତ୍ରିବେଣୀ ନାହାକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରେଶମା ଦୋରା, ସଙ୍ଗୀତା ସେଠୀ ସମିତିସଭ୍ୟ, ନାୟବ ସରପଞ୍ଚ ଆଶା ସେଠୀ, ନଳବଣ୍ଟା ସରପଞ୍ଚ କିଶୋର ପ୍ରଧାନ, ବଡଖୋଲି ସମିତିସଭ୍ୟ ଭରତନାହାକ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଜେଇ ତାରିଣୀ ପ୍ରସାଦ ସାହୁ, ଯୋଗାଣ ସହାୟକ ବସନ୍ତ କୁମାର ଗୌଡ, ବି.ଏଫ୍.ଟି କର୍ମକର୍ତ୍ତା, ଅଙ୍ଗନୱାଡ଼ି କର୍ମୀ, ସୋସାଇଟ୍ୱାଇଟ୍ ଆସିଷ୍ଟାଣ୍ଟ ସେକ୍ରେଟାରୀ, ସୋସିଆଲ ୱାର୍କର ଅଭାଗିନୀ ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ଦିନ ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବା ଦେଖିବାକୁ ମିଳିଛି।

# ଦୁର୍ଗମ ଅଞ୍ଚଳରେ ସାମ୍ବିଧାନିକ ଅଧିକାର, କର୍ତ୍ତବ୍ୟ ସମ୍ପର୍କିତ କର୍ମଶାଳା



**ପାତ୍ରପୁର,୨୧ ।୧(ସମିସ):** ପାତ୍ରପୁର ତାଲୁକା ଆଇନ ସେବା ପ୍ରାଧିକରଣ ତରଫରୁ ତରମଣ୍ଡା ଆଦିବାସୀ ଗ୍ରାମରେ ସାମ୍ବିଧାନିକ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପାତ୍ରପୁର ଆଇନ ସେବା ପ୍ରାଧୀକରଣ ଅଧ୍ୟକ୍ଷା ବିଚାରପତି କ୍ରିଷ୍ଣା ମିଶ୍ରଙ୍କ ଅଧ୍ୟକ୍ଷତାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଦୁର୍ଗମ ଅଞ୍ଚଳର ଲୋକମାନେ ସମ୍ବିଧାନ ପ୍ରଦତ୍ତ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା। ମାଗଣାରେ କିଭଳି ଭାବେ ଗରୀବ ଆଦିବାସୀ ମାନେ ସମ୍ବିଧାନ ପ୍ରଦତ୍ତ ଅଧିକାର ପାଇପାରିବେ ସେ ସମ୍ପର୍କରେ ପ୍ରକାଶ କରିଥିଲେ। ତୁରୁବୁଡି ଫରେଷ୍ଟର କମଳ କାନ୍ତ ପାତ୍ର ଜଙ୍ଗଲ ପୋଡି ହିଂସ୍ରଜନ୍ତୁ ତଥା ସରିଶୃପ ଦ୍ୱାରା ହେଉଥିବା କ୍ଷତି ସମ୍ପର୍କରେ ସଚେତନ ରହିବା ସହିତ ମିଳୁଥିବା ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରବୀନ୍ଦ୍ର କୁମାର ମିଶ୍ର, ସୁରଙ୍ଗି ଜିଲ୍ଲା ପରିଷଦ ସଭ୍ୟ ପିଙ୍କି ବଡମୁଣ୍ଡି, ଗଞ୍ଜାମ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଲକ୍ଷ୍ମୀକାନ୍ତ ବିଷୋୟୀ, ପୂର୍ବତନ ସରପଞ୍ଚ ଶିବ ପ୍ରସାଦ ପ୍ରଧାନ, ୱାର୍ଡ ସଭ୍ୟ ତ୍ରିନାଥ ନାୟକ ଯୋଗଦେଇ ଆଦିବାସୀ ଅଞ୍ଚଳରେ ବିଭିନ୍ନ କିସମର ବୃକ୍ଷ ରୋପଣ ନିମନ୍ତେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଙ୍କୁଲି ପଞ୍ଚାୟତର ତରମଣ୍ଡା, ଯୁବାସାହି, ଲୁହାସିଙ୍ଗୀ, କମ୍ପୁଟବାଡ଼, କୁମ୍ଭାର ଦଳୀ, ପ୍ରଭୃତି ଗ୍ରାମର ଶତାଧିକ ଆଦିବାସୀ ଯୋଗ ଦେଇଥିଲେ। କୋର୍ଟ କର୍ମଚାରୀ ପୁଲିସ ଓ ଜଙ୍ଗଲ ବିଭାଗ କର୍ମଚାରୀମାନେ ଯୋଗ ଦେଇଥିଲେ।

## ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ



**କୋଦଳା, ୨୧।୧(ସମିସ):** ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ନୂଆଁଗଡ଼ ସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନିଆ ଖେଳଣା ପ୍ରସ୍ତୁତି କର୍ମଶାଳା 'ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସୁମନ୍ତରାୟ, ମୁଖ୍ୟବକ୍ତା ଭାବେ ଶିକ୍ଷକ ପ୍ରକାଶ ଚନ୍ଦ୍ର ଭୂୟାଁ, ସମ୍ମାନିତ ଅତିଥି ଭାବେ ସିଆରସିସି ନାରାୟଣ ସେଠୀ, ଜଗନ୍ନାଥ ବାରିକ, ହରମୋହନ ଜେନା, ବାଳକୃଷ୍ଣ ମହାନ୍ତି, ପ୍ରଧାନଶିକ୍ଷକ ହରିହର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ବାବଦରେ ସୂଚନା ଦେଇଥିଲେ। ଏଥିରେ ୧୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ।

## ମହିଳା କଲେଜରେ ଓଡ଼ିଆ ଭାଷା ସମ୍ମିଳନୀ



**ସୋରଡ଼ା, ୨୧।୧(ସମିସ):** ସୋରଡ଼ାସ୍ଥିତ ପ୍ରକାଶ ଚନ୍ଦ୍ର ମହିଳା ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମିଳନୀ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅଧ୍ୟକ୍ଷା ସଂଯୁକ୍ତା ପଣ୍ଡା ଓ ଅନ୍ୟତମ ଅତିଥିଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଏନ୍‌ଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ମୁଖ୍ୟବକ୍ତା ଭାବେ ବୁଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭୂତି ଭୂଷଣ ମିଶ୍ର ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟର ଆଲୋକପାତ କରିଥିଲେ। ଅଧ୍ୟାପକ ରୋହିତ କୁମାର ବିଷୋୟୀ, ରାଜେଶ କୁମାର ପାତ୍ର, ସସ୍ମିତା ପଣ୍ଡା, ଏଲିଜା ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିବା ସହିତ ଜଗଦୀଶ ପାତ୍ର, ଗୋପାଳକୃଷ୍ଣ ଦାସ, ମହେନ୍ଦ୍ର ପାଢ଼ୀ, ବିନୋଦ ଡାକୁଆ ପ୍ରମୁଖ ସହଯୋଗ କରିଥିଲେ। ସଂଯୋଜିକା ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ମୋ କଥା ମୋ କାହାଣୀ' ପ୍ରଦର୍ଶନୀ



**ଧରାକୋଟ, ୨୧।୧(ସମିସ):** ଧରାକୋଟ ନିକଟସ୍ଥ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ଓଳମ୍ବା ପରିସରରେ ଓଡ଼ିଶା ଭାଷା ବିଶ୍ୱ ସମ୍ମିଳନୀ ଆନୁକୂଲ୍ୟରେ ଭାଷା, ସାହିତ୍ୟ ଓ ସୃଜନ ସିଳତାର ବିକାଶ ସମ୍ବନ୍ଧୀୟ ମୋ କଥା ମୋ କାହାଣୀ ଶୀର୍ଷକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରିଡ଼ାଙ୍ଗନା, କୌଶଳୀ, ଜିଜ୍ଞାସା ଓ ସାହିତ୍ୟ ସୃଜନୀ କ୍ଲବର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ଶିଶିର ମହାନ୍ତି ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ଏବିଇଓ ଉମା ଚରଣ ପାଣିଗ୍ରାହୀ, ଅବସର ପ୍ରାପ୍ତ ଶିକ୍ଷକ ଇନ୍ଦ୍ରମଣି ବେହେରା, ଗୋପାଳ କୃଷ୍ଣ ସ୍ୱାଇଁ, ଶିକ୍ଷକ ବୁଚି ରାଓ ଦୋରା ବିଦ୍ୟାଳୟ ସଭାପତି ଶରତ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ମଙ୍ଗୁଲୁ ଜେନା, କୋରା ପ୍ରସାଦ ମହାକୁଡ, ମନୋଜ ବିଷୋୟୀ ଓ ନିଶାକର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଜପା କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ମନ୍ଦିର ସଫେଇ



**ଦିଗପହଣ୍ଡି, ୨୧।୧(ସମିସ):** ଅଯୋଧ୍ୟାରେ ରାମଲାଲାଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଶନିବାର ଭାଜପା କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ପଞ୍ଚାୟତର କେରାଣ୍ଡିମାଳ ପର୍ବତ ଶିଖରରେ ପୂଜା ପାଉଥିବା ମା' ନିଜ ବାଙ୍କେଶ୍ୱରୀ ପୀଠ ଏବଂ କାଳୀ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିର ଚତୁଃପାର୍ଶ୍ୱ ସଫାସୁତୁରା କରାଯାଇଥିଲା। ସଫେଇ କାର୍ଯ୍ୟରେ ମନ୍ଦିର ପୂଜକ ଜଗଦୀଶ ପଣ୍ଡା, ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ରବୀନ୍ଦ୍ର ମଲ୍ଲିକ, ନକୁଳ ମଲ୍ଲିକ ରାମହରି ଦୋରା, ଶ୍ରୀନିବାସ ପାତ୍ର, ପଞ୍ଚାନନ ସେଠୀ, ରବି ଦୋରାଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ଗଞ୍ଜାମରେ ଶୀତଦିନିଆ ପକ୍ଷୀ ସମାଗମ

**ଗଞ୍ଜାମ, ୨୧।୧(ସମିସ)**



ଗଞ୍ଜାମ ସହରାଞ୍ଚଳରେ ପକ୍ଷୀମାନଙ୍କ ସମାଗମ ଜନ ମାନସକୁ ଆକୃଷ୍ଟ କରୁଥିବା ପରିଲକ୍ଷିତ ହୋଇଛି। ଗଞ୍ଜାମ ସହର ସ୍ଥିତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବା ଖୋଲା ପଡ଼ିଆ ମଧ୍ୟରେ ପ୍ରତ୍ୟେହ ଗେଣ୍ଡାଳିଆ ଜାତୀୟ ପକ୍ଷୀଙ୍କ ସମାଗମ ହେଉଥିବା ଲକ୍ଷ୍ୟ କରାଯାଉଛି। ସେମାନେ ଓଦାଳିଆ ସ୍ଥାନରୁ ଗେଣ୍ଡାଗୁଡ଼ିକୁ ଆହାର କରୁଥିବା ଦେଖିବାକୁ ମିଳିଛି। ଗୋଟିଏ ଦଳରେ ୨୦୦ରୁ ଊର୍ଦ୍ଧ୍ୱ ପକ୍ଷୀ ଏକାଠି ରହି ଖାଦ୍ୟ ଅନ୍ୱେଷଣ କରୁଥିବା ଲକ୍ଷ୍ୟ କାରାଯାଉଛି। ଅନ୍ୟପଟେ ଋଷିକୂଲ୍ୟା ନଦୀ ଗର୍ଭରେ ବିଦେଶୀ ପକ୍ଷୀ ରାଜହଂସଙ୍କ ସମାଗମ ସାଧାରଣ ଜନତାଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଦାମୋଦରପୁର ଗ୍ରାମ ନିକଟରୁ ପୋତାଗଡ଼ ଦୁର୍ଗ ନଦୀ ମଧ୍ୟରେ ଶତାଧିକ ପକ୍ଷୀ ଦଳ ହୋଇ ଜଳକ୍ରୀଡ଼ା ଲୋକଙ୍କୁ ଆନନ୍ଦର ଖୋରାକ ଯୋଗାଉଛି। ସବୁଠାରୁ ସୁଉଚ୍ଚ ଆକାଶରେ ଉଡ଼ିପାରୁଥିବା ଏହି ପକ୍ଷୀ ସନ୍ଧ୍ୟା ଓ ସକାଳ ସମୟରେ ଆକାଶ ମାର୍ଗରେ ଉଡ଼ି ଯାଉଥିବା ଦୃଶ୍ୟ ଅତି ମନୋରମ ଅଟେ। ଶୀତ ଦିନ ଯୋଗୁଁ ପ୍ରବଳ ଥଣ୍ଡାରୁ ରକ୍ଷା ପାଇବା ପାଇଁ ହଜାର ହଜାର କିଲୋମିଟର ଅତିକ୍ରମ କରି ଆକାଶ ମାର୍ଗରେ ଉଡ଼ି ଆସିଥାନ୍ତି। ନଭେମ୍ବର ମାସରୁ ଫେବୃୟାରୀ ମାସ ମଧ୍ୟରେ ଏହି ବିଦେଶୀ ପକ୍ଷୀ ଓଡ଼ିଶା ଉପକୂଳବର୍ତ୍ତୀ ଇଲାକାରେ ଦେଖାଯାଇଥାନ୍ତି।

## ସର୍ବଧର୍ମ ସମନ୍ୱୟ ଆଲୋଚନାଚକ୍ର

**ଜି. ଉଦୟଗିରି, ୨୧।୧(ସମିସ):** ଜି ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମାଧ୍ୟମିକ ବିଦ୍ୟାଳୟଠାରେ ଶ୍ରୀଜଗନ୍ନାଥ ଓ ସର୍ବଧର୍ମ ସମନ୍ୱୟ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ନୋଡାଲ ଅଫିସର ଡ. ବବିତା ରାଣୀ ପଟ୍ଟନାୟକ ପରିଚାଳନା କରି ଜଗନ୍ନାଥ ଓ ସମନ୍ୱୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଡ. ନଳିନୀ ପାଣିଗ୍ରାହୀ ଜଗନ୍ନାଥ ସଂସ୍କୃତି ଉପରେ ବିଷଦ ଆଲୋଚନା କରିଥିଲେ। ଅଧ୍ୟାପିକା ମିନତୀ ଦାଶ, ସୁଧାରାଣୀ ପାତ୍ର, ସସ୍ମିତା ଦାଶ ଆଲୋଚନାରେ ଭାଗ ନେଇ ଜଗନ୍ନାଥ ଓ ସମନ୍ୱୟ ଉପରେ କହିଥିଲେ। ଛାତ୍ରୀ ସ୍ନେହା ଚର୍ଚ୍ଚା, ଇପ୍ସିତା ପ୍ରଧାନ, ହରପ୍ରିୟା ପ୍ରଧାନ, ନିନିମା ପ୍ରଧାନ ଓ ସତ୍ୟଭାମା ପ୍ରଧାନ ପ୍ରବନ୍ଧ ପାଠ କରିଥିଲେ।

# ଆଙ୍କୋରଡ଼ାରେ କିଶୋରୀ ମେଳା

**ଦିଗପହଣ୍ଡି, ୨୧।୧(ସମିସ)**



ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସିଡିପିଓ ପୁଷ୍ପାଞ୍ଜଳୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଶନିବାର ଆଙ୍କୋରଡା ପଞ୍ଚାୟତରେ କିଶୋରୀ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବି ହରପ୍ରସାଦ ରଥ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗଣମାଧ୍ୟମ ପ୍ରତିନିଧି କିରଣ କୁମାର ବେହେରା, ସ୍ୱାସ୍ଥ୍ୟକର୍ମୀ ରଜନୀ ରାଣୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ୧୫ରୁ ୧୯ ବର୍ଷ କିଶୋରୀ ବାଳିକାମାନଙ୍କୁ ଶିକ୍ଷା, ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ଉପରେ ବିଶେଷ ଆଲୋକପାତ କରାଯିବା ସହ ବାଲ୍ୟ ବିବାହକୁ ଦୂରେଇବା, ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହ ଉଚ୍ଚଶିକ୍ଷା ପରେ ଆର ନିର୍ଭରଶୀଳ ହେବା ନିମନ୍ତେ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟ କରିବା ନେଇ ସେମାନଙ୍କୁ ସଚେତନତା କରାଯାଇଥିଲା। ସେକ୍ଟର ସୁପ୍ରଭାଇଜର ବିଳାସିନୀ ପାଣିଗ୍ରାହୀ ଏବଂ ଅଙ୍ଗନୱାଡ଼ି କର୍ମୀ ତଥା ସାଧନା ମହିଳା ସଂଘ ସଭାନେତ୍ରୀ ପି.ବିଜୟଲକ୍ଷ୍ମୀଙ୍କ ମିଳିତ ସଂଯୋଜନାରେ ଗାୟତ୍ରୀ ପାତ୍ର, ରଶ୍ମିତା ପାତ୍ର, ଅର୍ଚ୍ଚନା ପାଢ଼ୀ, ଭାରତୀ ପାଢ଼ୀ, ସବିତା ବେହେରା, ଅହଲ୍ୟା ପ୍ରଧାନ, ସୁନିତା ପାତ୍ର, ରଞ୍ଜିତା ବେହେରା, ସ୍ନେହଲତା ଆଚାରୀ, ସୁନିତା ନାହାକ, ବିଦେଶୀନି ବିଷୋୟୀ, ସରିତା ପ୍ରଧାନ, ସ୍ନେହଲତା ବେହେରା, କେ . କସ୍ତୁରୀ, ଆଶାଲତା ଦୋରା, ଗୌରୀ ସେଠୀ ସମେତ ବହୁ ଅଙ୍ଗନୱାଡ଼ି କର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା

**ଦିଗପହଣ୍ଡି, ୨୧।୧(ସମିସ):** ଦିଗପହଣ୍ଡି ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଲକ୍ଷ୍ମୀ ନାରାୟଣ ପାଢ଼ୀ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ କୁରେଶୁ ପଣ୍ଡା ସଂଘର ବିବରଣୀ ଉପସ୍ଥାପନ କରିଥିଲେ। ଦିଗପହଣ୍ଡିରେ ସବ୍ ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ନିର୍ମାଣାଧୀନ କାର୍ଯ୍ୟରେ ମନ୍ଥରତା, ସଂଘର ଆଗାମୀ ନିର୍ବାଚନ ପ୍ରସ୍ତୁତି ଏବଂ ସଂଘକୁ ଅଧିକ ବଳିଷ୍ଠ ତଥା ଏହାର ବିକାଶ ଦିଗରେ ବ୍ୟାପକ ଆଲୋଚନା କରାଯାଇ ସଭାରେ ବିଭିନ୍ନ ନିଷ୍ପତ୍ତି ଗୃହୀତ କରାଯାଇଥିଲା। ଆଲୋଚନାରେ ବରିଷ୍ଠ ଆଇନଜୀବି ପ୍ରଭାକର ରାଉତ, ରସାନନ୍ଦ ରାଉତ, ଏ. ସୋମେଶ୍ୱର ରାଓ, ସାନଖେମୁଣ୍ଡି ଓକିଲ ସଂଘ ସଭାପତି ଚନ୍ଦ୍ରଧ୍ୱଜ ସିଂହ, ଆଇନଜୀବୀ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ରତ୍ନାକର ମେକାପ, ପରେଶ ଚନ୍ଦ୍ର ରଥ, ଅଶେଷ ନାଥ ମିଶ୍ର, ହରପ୍ରସାଦ ରଥ, ମନୋରଞ୍ଜନ ପଣ୍ଡା, ସତ୍ୟ ନାରାୟଣ ରଥ, ହେମନ୍ତ କୁମାର ପାଣିଗ୍ରାହୀ, ଓକିଲ ସଂଘ ସହସମ୍ପାଦକ ରାଜେନ୍ଦ୍ର କୁମାର ତ୍ରିପାଠୀ, କୋଷାଧ୍ୟକ୍ଷ ସିମାଞ୍ଚଳ ପ୍ରଧାନ, ପ୍ରହ୍ଲାଦ ପ୍ରଧାନ, କିଶୋର ଚନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

## ଶିବକୁମାର ପଟ୍ଟନାୟକ ରିଡିଙ୍ଗ୍ ରୁମ୍‌ର ପ୍ରତିଷ୍ଠା ଉତ୍ସବ

**ଛତ୍ରପୁର, ୨୧।୧(ସମିସ):** ସ୍ଥାନୀୟ ଶିବକୁମାର ପଟ୍ଟନାୟକ ରିଡ଼ିଙ୍ଗ ରୁମର ପ୍ରତିଷ୍ଠାତ୍ସୋବ ପାଳିତ ହୋଇଯାଇଛି। ଶଙ୍କର ଚକ୍ଷୁ ଚିକିତ୍ସାଳୟର ଉପଦେଷ୍ଟା ବି. ଶ୍ରୀନିବାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ରିଜୋନାଲ୍ ମ୍ୟାନେଜର (ବ୍ରହ୍ମପୁର) ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଇଓ ସୀତାରାମ ପାତ୍ର, ସମାଜସେବୀ ପ୍ରଫୁଲ୍ଲ ପଟ୍ଟନାୟକ, ପୂର୍ବତନ ବିଧାୟକ ଆଶୋକ ଚୌଧୁରୀ, ଶିବକୁମାର ପଟ୍ଟନାୟକ ରିଡ଼ିଙ୍ଗରୁମ୍‌ର ମୁଖ୍ୟ ଉଦ୍ୟୋକ୍ତା ଇଞ୍ଜିନିୟର ଆର୍.ସି. ପଟ୍ଟନାୟକ, ଶିକ୍ଷାବିତ୍ ସୁଜାତା ପଟ୍ଟନାୟକ, ଏ. ରାବଣା ରାଓ, ପ୍ରଭାକର ରାଓ, ସେସୁ ରେଡ୍ଡୀ ଓ ଏସ. କେ. ରଥ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଅନୁଷ୍ଠାନ ପକ୍ଷରୁ ୨୦୨୨-୨୩ ବ୍ୟାଚର ମ୍ୟାଟ୍ରିକ ଟପର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ୫ହଜାର ୫ଶହ ଟଙ୍କା ଲେଖାଏଁ ପୁରସ୍କୃତ ରାଶି ପ୍ରଦାନ କରାଯାଇଥିଲା। ଏହା ସହିତ ଛତ୍ରପୁରର ଜଣେ ପ୍ରତିଭାମାନ ଯୁବକ କେ. ଭି. ଏସ ରାଙ୍ଗା ଏବଂ ସମାଜସେବୀ ଏ. ରାବଣା ରାଓଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୁନି କୁନି କଳାକାର ନୃତ୍ୟ ପରିବେଷଣ କରିଥିଲେ। ରିଡିଙ୍ଗ ରୁମର କାଳିଆ ବେହେରା, ଡ୍ରିମ ଡ୍ୟାନ୍ସ ଏକାଡେମୀର ପୂର୍ଣ୍ଣଞ୍ଜୟ ଜେନା, ଟେଣ୍ଟ ହାଉସ ମାଲିକ ରାଜ କୁମାର, ଆଷ୍ଟ୍ରୋଲୋଜି ଦୀପକ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରକାରୀ ହାଇସ୍କୁଲରେ ସୃଜନଶୀଳତା କାର୍ଯ୍ୟକ୍ରମ



**ଛେଲିଗଡ଼, ୨୧।୧(ସମିସ)**

ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ଅନ୍ତର୍ଗତ କେ.ଏମ୍.ଭାଲିଆସାହି ଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ 'ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନର ନିର୍ଦ୍ଦେଶ କ୍ରମେ ଭାଷା, ସାହିତ୍ୟ ଓ ସୃଜନଶୀଳତା ତଥା 'ମୋ କଥା ମୋ କାହାଣୀ'ର ପୁସ୍ତକ ମେଳା ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ତତ୍ତ୍ୱାବଧାନରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ନିଜର ପ୍ରଚେଷ୍ଟା ଓ ସେମାନଙ୍କ ବିଷୟଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମାର୍ଗଦର୍ଶନରେ ପ୍ରାୟ ୩୦ଟି ଆକର୍ଷଣୀୟ ଶିରୋନାମା ପୃଷ୍ଠା ସମ୍ବଳିତ ପୁସ୍ତକ ସହ କ୍ରୀଡାଙ୍ଗନ ସାମଗ୍ରୀ, ଜିଜ୍ଞାସା କ୍ଲବ ସମ୍ପର୍କିତ ବିଜ୍ଞାନ ପ୍ରକଳ୍ପ ଓ କୌଶଳୀ ସମ୍ପର୍କିତ ସ୍କ୍ରାଚ ପ୍ରକଳ୍ପକୁ ଉପସ୍ଥାପନା କରିଥଲେ। କଳା ଶିକ୍ଷକ ସନ୍ତୋଷ ନାଇକ, ସଞ୍ଜୟ ଗୌଡ଼, ସଂସ୍କୃତ ଶିକ୍ଷକ ପ୍ରହ୍ଲାଦ ଶିଅଳ, ହିନ୍ଦୀ ଶିକ୍ଷୟିତ୍ରୀ ରବୀନା ଦାସ ମୁଖ୍ୟ ଭୂମିକା ଗ୍ରହଣ କରିଥିଲାବେଳେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥଲେ। ମୁଖ୍ୟ ଅତିଥିରୂପେ ଆଦିକନ୍ଦ ବାଣୁଆରାଇ ଯୋଗଦାନ କରିଥିଲାବେଳେ ବସ୍ତ୍ରୀଗୁଡା କ୍ଲଷ୍ଟରର ଅନାସିମ ମଣ୍ଡଳ ଓ ଅନ୍ୟାନ୍ୟ ଶିକ୍ଷକମାନେ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଲ୍ଲାସକୁ ଦ୍ୱିଗୁଣିତ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**ଜି.ଉଦୟଗିରି, ୨୧।୧(ସମିସ)**



ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମଳୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଇଓ ଦିବ୍ୟ ପ୍ରକାଶ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଏବିଇଓ ଛୋଟାଇ ମୋତିଲାଲ ରାୟ, ମିହିରକାନ୍ତ ପ୍ରଧାନ, ରଞ୍ଜନ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

## ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

**ଦିଗପହଣ୍ଡି, ୨୧।୧(ସମିସ):** ନୂଆ-ଓ ଅନ୍ତର୍ଗତ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ସ୍ଥାନୀୟ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ସସ୍ମିତା ପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପଣ୍ଡିତ ଜଗଦୀଶ ସାହୁ ଯୋଗ ଦେଇ ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ମଞ୍ଜୁଳା ସାମନ୍ତରା, ସବିତା ପଣ୍ଡା, ଅଧ୍ୟାପକ ସୁଧିର କୁମାର ପଣ୍ଡା ପ୍ରମୂଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ନୋଡାଲ୍ ଅଧିକାରୀ ପିତବାସ ପାଢ଼ୀ ପରିଚଳନା କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ସୁଚନା ପ୍ରଯୁକ୍ତି ବିଦ୍ୟା ଯୁଗରେ ମାତୃ ଭାଷାର ଭୁମିକା ଓ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବନ୍ଧ ପ୍ରତିଯୋଗିତା, ସୁନ୍ଦର ହସ୍ତାକ୍ଷର, ରୁଢ଼ି ପ୍ରୟୋଗ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଏମ୍.ଭାସ୍କର, ମମିତା କୁମାରୀ ପଣ୍ଡା ପମୁଖ କର୍ମଚାରୀମାନେ ପରିଚଳନାରେ ସହଯୋଗ କରିଥିଲେ।

## ମନ୍ଥରଗତିରେ ଚାଲିଛି ବିଏମ୍‌ସି ପାଠାଗାରର ଶୌଚାଳୟ ନିର୍ମାଣ କାର୍ଯ୍ୟ

# ଛାତ୍ରଛାତ୍ରୀ ଓ ପାଠକ ହନ୍ତସନ୍ତ

**ବ୍ରହ୍ମପୁର, ୨୧।୧(ସମିସ)**

ଯୁବପିଢ଼ିଙ୍କ ଶିକ୍ଷାର ବିକାଶ ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସହର ବିଭିନ୍ନ ସ୍ଥାନରେ ପାଠାଗାରର ବ୍ୟବସ୍ଥା କରାଯାଇଛି। ସେଥି ମଧ୍ୟରୁ ଷ୍ଟେଟବ୍ୟାଙ୍କ ଛକ ନିକଟରେ ଥିବା ଅତ୍ୟାଧୁନିକ ପାଠାଗାର ଅନ୍ୟତମ। ରାତି ପାହିଲେ ଏଠାକୁ ନିୟମିତ ୨୫୦ରୁ ୨୭୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରିବାକୁ ଆସିଥାନ୍ତି। ପ୍ରତ୍ୟହ ପୂର୍ବାହ୍ନ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଓ ଅପରାହ୍ନରେ ୪ଟା ଠାରୁ ରାତି ୮ଟା ପର୍ଯ୍ୟନ୍ତ ପାଠାଗାର ଖୋଲା ରହେ। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏହି ପାଠାଗାରରେ ମାଗଣା ହାଇସ୍ପିଡ ଇଣ୍ଟରନେଟ ସେବା ଓ ବିଭିନ୍ନ ବିଷୟର ପୁସ୍ତକ ସମେତ ବହୁବିଧ ସୁବିଧା କରାଯାଇଛି। କିନ୍ତୁ ଦୀର୍ଘ ଏକ ମାସରୁ





ଅଧିକ କାଳ ହେବ ଏଠାକୁ ଆସୁଥିବା ବିଦ୍ୟାର୍ଥୀଙ୍କ ନିମନ୍ତେ କୌଣସି ଶୌଚାଳୟ ନଥିବା ଦେଖିବାକୁ ମିଳିଛି। କିଛି ମାସ ପୂର୍ବେ ପାଠାଗାର ପରିସରରେ ଥିବା ସ୍ଥାୟୀ ଶୌଚାଳୟକୁ ଭାଙ୍ଗି ଦିଆଯାଇଛି। ସେହି ସ୍ଥାନରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନୂତନ ଶୌଚାଳୟ ନିର୍ମାଣ କରାଯାଉଛି। ଯାହାକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ତେବେ ଶୌଚାଳୟକୁ ଭାଙ୍ଗିବା ପୂର୍ବରୁ ଏହାର କୌଣସି ବିକଳ୍ପ ବ୍ୟବସ୍ଥା କରାନଯିବା ଓ ମନ୍ଥର ଗତିରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଯୋଗୁଁ ପାଠାଗାରକୁ ଆସୁଥିବା ଛାତ୍ରଛାତ୍ରୀ ଓ ପାଠକଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ଯାହାଫଳରେ ବିଦ୍ୟାର୍ଥୀଙ୍କୁ ତଥା ବରିଷ୍ଠ ନାଗରିକଙ୍କୁ ପାରିସ୍ରା ପାଇଁ ପାଠାଗାର ବାହାରକୁ ଯିବାକୁ ପଡୁଛି। ଏଥିପାଇଁ ବିଦ୍ୟାର୍ଥୀଙ୍କର ବହୁ ସମୟ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତି ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ କାଳ ହେବ ଜାରି ରହିଥିବା ବେଳେ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଏମସି ପକ୍ଷରୁ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସାରିବାକୁ ଦାବି ହୋଇଛି।

## ଭାଷା ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ





**କୁକୁଡ଼ାଖଣ୍ଡି, ୨୧।୧(ସମିସ):** 'ଯୁବ ଓଡ଼ିଶା ନବୀନ ଓଡ଼ିଶା'ର ବର୍ଦ୍ଧିତ କାର୍ଯ୍ୟକ୍ରମ ସାହିତ୍ୟ ପ୍ରତିଯୋଗିତା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏନେଇ ଅନୁଷ୍ଠିତ ସଭାରେ ସ୍ଥାନୀୟ ସରପଞ୍ଚ ଝିଲି ସେଠୀ ମୁଖ୍ୟ ଅତିଥି, ସାଂସଦ ପ୍ରତିନିଧି ନିରଞ୍ଜନ ମହାନ୍ତି ସମ୍ମାନିତ ଅତିଥି, ଯୁବ ସମାଜସେବୀ ସଞ୍ଜୟ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ 'ନୂଆ-ଓ' କାର୍ଯ୍ୟକ୍ରମ ବିଷୟରେ ମତ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡଃ. ସୂର୍ଯ୍ୟ ନାରାୟଣ ଦାଶ ସଭାପତିତ୍ୱ କରିଥିଲେ। ଓଡ଼ିଆ ଅଧ୍ୟାପକ ଡଃ ପ୍ରସନ୍ନ କୁମାର ବିଷୋୟୀ, ଅଧ୍ୟାପକ ଉମେଶ କୁମାର ପାତ୍ର, ସନ୍ତୋଷ କୁମାର ବେହେରା, ସୁଦାମ ଚରଣ ସାହୁ, ଏ. ସତ୍ୟ ନାରାୟଣ ସେନାପତି, ସନ୍ତୋଷ କୁମାର ମହାରଣା, ଶିବ ପ୍ରସାଦ ରଥ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଡଃ. ଦୈତ୍ୟାରୀ ବେଜ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଫୁଲବାଣୀରେ ମେଗା ନିଯୁକ୍ତି ମେଳା

# ନିଯୁକ୍ତି ପାଇଲେ ୧୩ ହଜାର ଆଶାୟୀ

**ଫୁଲବାଣୀ, ୨୧।୧(ସମିସ)**



କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ କିଟ୍ ଆନୁକୂଲ୍ୟରେ ତଥା କନ୍ଧମାଳ ଜିଲ୍ଲା ପ୍ରଶାସନ ସହଯୋଗରେ ସ୍ଥାନୀୟ କନ୍ଧମାଳ ଷ୍ଟାଡ଼ିୟମଠାରେ ମେଗା ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି। ଏଥିରେ କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ସମସ୍ତ ବ୍ଲକ ସମେତ ନୟାଗଡ଼ ଜିଲ୍ଲାର ଗଣିଆ, ଦଶପଲ୍ଲା ଓ ନୂଆଗାଁ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଓ ଜଗନ୍ନାଥ ପ୍ରସାଦ ବ୍ଲକରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଚାକିରି ଆଶାୟୀ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୩ ହଜାର ୫ ଶହ ପ୍ରାର୍ଥୀ ବିଭିନ୍ନ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଓଡ଼ିଶାର ବିଭିନ୍ନ କମ୍ପାନୀ ପାଇଁ ୩ ହଜାର ୫ଶହ ଜଣ ମନୋନୀତ ହୋଇଥିବା ବେଳେ ଦେଶର ଅନ୍ୟ କମ୍ପାନୀମାନେ ୧୦ ହଜାର ପ୍ରାର୍ଥୀଙ୍କୁ ଚୟନ କରିଛନ୍ତି। ନିଯୁକ୍ତି ପାଇଥିବା ପ୍ରାର୍ଥୀମାନଙ୍କୁ ମାସିକ ୧୨ ହଜାରରୁ ୩୫ ହଜାର ଟଙ୍କା ମାସିକ ବେତନ ପ୍ରଦାନ କରାଯିବ ବୋଲି କୁହାଯାଇଛି। ଓଡ଼ିଶାର ୪୦ଟି କମ୍ପାନୀ ସମେତ ସମଗ୍ର ଦେଶରୁ ୧୨୦ଟି କମ୍ପାନୀ ଓ ଶିଳ୍ପ ସଂସ୍ଥା ଏହି ନିଯୁକ୍ତି ମେଳାରେ ଯୋଗ ଦେଇଥିଲେ। ସେମାନଙ୍କ ପାଇଁ ୧୨୦ଟି ଷ୍ଟଲ୍ ଖୋଲାଯାଇ ପ୍ରାର୍ଥୀ ଚୟନ କରାଯାଇଥିଲା।

ଏହି ମେଗା ଇଭେଣ୍ଟ ପାଇଁ ବିଭିନ୍ନ ବ୍ଲକରେ ୧୨ ହଜାର ପଞ୍ଜୀକରଣ ହୋଇଥିବା ବେଳେ ସ୍ପଟ୍ ପଞ୍ଜୀକରଣ ଓ ଅନ୍ୟାନ୍ୟ ପଞ୍ଜୀକରଣ ମିଶାଇ ପ୍ରାୟ ୨୦ ହଜାର ଆଶାୟୀଙ୍କ ନାମ ପଞ୍ଜୀକରଣ ହୋଇଥିଲା। ପ୍ରତି ବ୍ଲକରୁ କନ୍ଧମାଳ ଷ୍ଟାଡିୟମ ପର୍ଯ୍ୟନ୍ତ ସେମାନଙ୍କୁ ଆଣିବା ପାଇଁ ୪ ଶହ ସ୍ୱତନ୍ତ୍ର ବସ୍ ସହ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାଂସଦ ଶ୍ରୀ ସାମନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଅଭିମୁଖ୍ୟର ଏହା ଏକ ପ୍ରୟାସ ବୋଲି କହିଥିଲେ। ଯୁବକଯୁବତୀମାନଙ୍କୁ ଶିକ୍ଷିତ, ସଶକ୍ତ କରି ରୋଜଗାରକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଲକ୍ଷ୍ୟ ରହିଛି, ସେ ଦିଗରେ ଏହା ଏକ ପଦକ୍ଷେପ ବୋଲି ସେ କହିଛନ୍ତି। ଏହାର ସଫଳ ଆୟୋଜନ ପଛରେ ଜିଲ୍ଲା ପ୍ରଶାସନ ଓ କିଟ୍ କର୍ମଚାରୀଙ୍କ ସହଯୋଗ ପାଇଁ ଶ୍ରୀ ସାମନ୍ତ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ନିର୍ବାଚନ ସମୟରେ କନ୍ଧମାଳବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ପର୍ଯ୍ୟଟନର ବିକାଶ ନେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ସେ ଚେଷ୍ଟା ଜାରି ରଖିଛନ୍ତି ବୋଲି ଏ ଅବସରରେ ପ୍ରକାଶ କରିଥିଲେ। ଅନ୍ୟତମ ନିଯୁକ୍ତିଦାତା ତଥା ମହାରାଷ୍ଟ୍ର ଚାମ୍ବରସ ଅଫ କମର୍ସ, ଇଣ୍ଡଷ୍ଟ୍ରି ଓ ଏଗ୍ରିକଲଚର୍‌ର ସଭାପତି ଲଳିତ ଗାନ୍ଧୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ, ଭାରତର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଯୁବକମାନେ ଅଧିକ କୁଶଳୀ ଓ ଦକ୍ଷ ବୋଲି କହିବା ସହ ମହାରାଷ୍ଟ୍ରର ବିଭିନ୍ନ ଶିଳ୍ପ ସଂସ୍ଥାରେ ବର୍ଷକୁ ୫ ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆ କୁଶଳୀ ଓ ଦକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଚକ୍ରମଣି କହଁର, ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜି.ଉଦୟଗିରି ପ୍ରେସ୍ କ୍ଲବର ବୈଠକ

**ଜି.ଉଦୟଗିରି,୨୧।୧(ସମିସ):** ଜି.ଉଦୟଗିରି ପ୍ରେସ୍ କ୍ଲବ ସଭାପତି ଅରୁଣ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆସନ୍ତା ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ କିଭଳି ପାଳନ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦୀର୍ଘ ଦିନ ଧରି ତାଲା ପଡ଼ି ରହିଥିବା ଯୋଗୁଁ ପ୍ରାଥମିକ ସୂଚନାରୁ ଅଞ୍ଚଳବାସୀ ବଞ୍ଚିତ ହେଉଛନ୍ତି। ଯାହାକି ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଯଥାଶୀଘ୍ର କାର୍ଯ୍ୟକ୍ଷମ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ବୈଠକରେ ବରିଷ୍ଠ ସାମ୍ବାଦିକ ଶିଶିର କୁମାର ପଟ୍ଟନାୟକ, ପତିତପାବନ ସାହୁ, ଦେବନାଥ ଦଳବେହେରା, ସମୀର କୁମାର ପାଢ଼ୀ, ରାମକୃଷ୍ଣ ଚୌଧୁରୀ, ବଟକୃଷ୍ଣ ଦାଶ, ଅନିଲ କୁମାର ଦଳବେହେରା, ପ୍ରତାପ ଚନ୍ଦ୍ର ପାଢ଼ୀ, ଗଗନ କୁମାର ପ୍ରଧାନ, ସୁଜିତ କୁମାର ସାହୁ, ଚିନ୍ମୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର




**ବାଲିଗୁଡ଼ା/ତୁମୁଡ଼ିବନ୍ଧ, ୨୧।୧(ସମିସ):** ତୁମୁଡ଼ିବନ୍ଧ ବ୍ଲକ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ସାହିତ୍ୟର ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡଃ ସୁଜିତ କୁମାର ପଣ୍ଡା ଯୋଗଦେଇ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ। ସଭାପତି ଭାବେ ଅଧ୍ୟକ୍ଷ ଡଃ ସୁନୀଲ କୁମାର ପାତ୍ର ସଭାପତିତ୍ୱ କରି ଜଗନ୍ନାଥ ସଂସ୍କୃତିକୁ କିପରି ଲୋକାଭିମୁଖୀ କରାଯାଇ ପାରିବ ସେନେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆଲୋଚନାଚକ୍ରରେ ଦ୍ୱିତୀୟ ବର୍ଷର ଛାତ୍ରୀ କୁମାରୀ ସାଗରିକା ନାୟକ ଓ କ୍ରିଷ୍ଣା ମହାକୁଡ ନିଜ ନିଜର ସନ୍ଦର୍ଭ ପଠନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଇଂରାଜୀ ଅଧ୍ୟାପକ ଦୁଃଖୀଶ୍ୟାମ ମହାରଣା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସତ୍ୟ ରଞ୍ଜନ ପାଣିଗ୍ରାହୀ, ଇତିହାସ ଅଧ୍ୟାପକ ଆଶିଷ ମଲିକ, ରାଜନୀତି ଅଧ୍ୟାପକ ଭଞ୍ଜ କିଶୋର ନାଏକ ଓ ସମସ୍ତ ଅଣ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ନୋଡାଲ ଅଫିସର ଡଃ ବନିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମୂହିକ ଛୁଟିରେ ପ୍ରାଣୀ ଚିକିତ୍ସକ

**ଦାରିଙ୍ଗବାଡ଼ି, ୨୧।୧(ସମିସ):** ଗତ ୧୮ ତାରିଖ ଠାରୁ ୪ ଦଫା ଦାବି ପୂରଣ ନେଇ ସାମୂହିକ ଛୁଟିରେ ପ୍ରାଣି ଚିକିତ୍ସକ ରହିଥିବାରୁ ଦାରିଙ୍ଗବାଡ଼ି ପ୍ରାଣୀ ଚିକିତ୍ସାଳୟ ଆଜକୁ ୩ ଦିନ ଧରି ବନ୍ଦ ରହିଛି। ଫଳରେ ପ୍ରାଣୀଧନ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସମସ୍ୟା ସୃଷ୍ଟି ହୋଇଛି। ଅନେକ ପ୍ରାଣୀ ଧନ ପାଳକ, କୃଷକ ୩ ଦିନ ହେଲା ପ୍ରାଣୀ ଚିକିତ୍ସାଳୟ ଆସି ସେବା ନପାଇ ଫେରୁଥିବା ଅଭିଯୋଗ ହେଉଛି। ଶନିବାର ଗ୍ରୀନବାଡ଼ି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁତୁବାଡ଼ି ଗ୍ରାମର ଲେମା ପ୍ରଧାନ ହଳ ବଳଦର ଦୁଇ ଦିନ ହେଲା ସ୍ୱାସ୍ଥ୍ୟ ଭଲ ନଥିବାରୁ ପ୍ରାଣୀ ଚିକିତ୍ସାଳୟକୁ ଆସି ଫେରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ରାଇକିଆ, ୨୧।୧(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ସୁଗଡ଼ବଡି ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ୩୫ ବର୍ଷ ଧରି ବିଦ୍ୟାଳୟ ଶିକ୍ଷାଦାନ କରିବା ସହ ନିଜର ସମାଜସେବା ମନୋବୃତ୍ତି ପାଇଁ ରାଇକିଆ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିଲେ। ଗତ ଡିସେମ୍ବର ମାସରେ ସେ ଅବସର ଗ୍ରହଣ କରିଥିଲେ। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ହାଡିବନ୍ଧୁ ବେହେରା, ଏବିଇଓ ସିମାଦ୍ରି କହଁର, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବାହନ ପ୍ରଧାନ, ହରିଶ୍ଚନ୍ଦ୍ର ପ୍ରଧାନ, ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ଅଶୋକ ପାତ୍ର, କୈଳାଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଶ୍ରୀ ପ୍ରଧାନଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ସୁରପ୍ରଭା ନାୟକ ଅଧ୍ୟକ୍ଷତା କରିଥିଲେ।

## ୨୫ରୁ କଳାବ୍ୟାଜ୍ ପିନ୍ଧିବେ ରାଜସ୍ୱ ଅଧିକାରୀ

**ଫୁଲବାଣୀ, ୨୧।୧(ସମିସ):** ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ, କନ୍ଧମାଳ ଜିଲ୍ଲା ଶାଖାର ସମସ୍ତ ଅଧିକାରୀମାନେ ମିଳିତ ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ୧୨ଟି ତହସିଲ ପକ୍ଷରୁ ତହସିଲଦାରମାନଙ୍କୁ ତଥା ଜିଲ୍ଲାପାଳଙ୍କୁ ଭେଟି ରାଜ୍ୟ ସଂଘ ଦେଇଥିବା ବିଭିନ୍ନ ପ୍ରକାର ଦାବିର ଯଥାଶୀଘ୍ର ସଫଳ ପ୍ରତିଫଳନ ନିମନ୍ତେ ଦାବିପତ୍ର ଦେବା ସହ ସରକାରଙ୍କୁ ଜଣାଇ ଦେଇଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଦାବି ପୂରଣ ନହେଲେ ୨୫ ତାରିଖଠାରୁ କଳାବ୍ୟାଜ୍ ପରିଧାନ ସହ ପରିଧାନର ୧୦ ଦିନ ପରେ ରାଜ୍ୟ ସଂଘ ସହ କଲମ ଛାଡ଼ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯିବ। ଜିଲ୍ଲା ସଂଘର ସଭାପତି ସୁନୀଲ କୁମାର ଦିଗାଲ, ସମ୍ପାଦକ ଦେବାଶିଷ ପ୍ରଧାନ ତଥା ଦକ୍ଷିଣାଞ୍ଚଳ ସମ୍ପାଦକ ସତ୍ୟ ନାରାୟଣ ମେହେରଙ୍କ ନେତୃତ୍ୱରେ ଜିଲ୍ଲା ସଂଘକୁ ରାଜ୍ୟ ସଂଘ ସହ ଜଡ଼ିତ ରଖି ସମସ୍ତ ଦାବି ପୂରଣରେ ଆନ୍ଦୋଳନକୁ ତ୍ୱରାନିତ କରିବାକୁ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି।

# '୫-ଟି' ଅଧ୍ୟକ୍ଷଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ

**ପାରଳାଖେମୁଣ୍ଡି/କାଶୀନଗର, ୨୧।୧(ସମିସ):** ଆସନ୍ତା ୨୩ ତାରିଖରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗଜପତି ଜିଲ୍ଲାର ବିଭିନ୍ନସ୍ଥାନକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ବିଭିନ୍ନସ୍ତରରେ ତତ୍ପରତା ଦେଖା ଦେଇଛି। ପାରଳା ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନ ଯଥା କାଶୀନଗର ବ୍ଲକ ଓ ପାରଳାଖେମୁଣ୍ଡି ସହରରେ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ଏହାର ସଫଳ ରୂପାୟନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାଶୀନଗରଠାରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଶଶୀଭୂଷଣ ମହାନ୍ତି, ବ୍ଲକ ଅଧ୍ୟକ୍ଷା ବି.ସାୟାମ୍ମା, ବ୍ଲକ ବିଜେଡି ସଭାପତି ଅଖିଳ ପାତ୍ର, ଜିଲ୍ଲାପରିଷଦ ସଭ୍ୟା ଆର୍. ରାଜଲକ୍ଷ୍ମୀ, ସମସ୍ତ ସରପଞ୍ଚ, ସମିତି ଏବଂ ବିଜେଡି ନେତା ଓ କର୍ମୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ସେହିଭଳି ପାରଳାଖେମୁଣ୍ଡିସ୍ଥିତ ବିଜେଡି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ଯୁବ ସଭାପତି ଏସ୍.ଲିଙ୍ଗରାଜୁ, ଜିଲ୍ଲାପରିଷଦ ସଭ୍ୟ ଏସ୍.ବାଲାରାଜୁ, ଗୋଷାଣି ବ୍ଲକର ଅଧ୍ୟକ୍ଷ ଏନ୍.ବୀରରାଜୁ, ବ୍ଲକ ବିଜେଡି ସଭାପତି ଏନ୍.ଈଶ୍ୱର ରାଓ, ବ୍ଲକର ମହିଳା ସଭାନେତ୍ରୀ ରୀତାରାଣୀ ରାଇପାତ୍ର, 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ଜିଲ୍ଲା ସଂଯୋଜକ ୱାଇ ରାମଚନ୍ଦ୍ର ରାଓ ପ୍ରମୁଖଙ୍କ ସହ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବିଜେଡି କର୍ମୀ ଓ ନେତାମାନେ ଉପସ୍ଥିତ ରହି ବିଭିନ୍ନ ଆଲୋଚନା କରିଥିଲେ।



**ଗୁମ୍ମା:** ଆସନ୍ତା ୨୩ ତାରିଖରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗଜପତି ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏନେଇ ଗୁମ୍ମା ସଦର ମହକୁମା କଲ୍ୟାଣମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି



ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଶଶୀଭୂଷଣ ମହାନ୍ତି, ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଏସଡିସି ଅଧ୍ୟକ୍ଷା ମୋରୀୟମ ରଇତ, ବ୍ଲକ ବିଜେଡି ସଭାପତି ଅଗୋଷ୍ଟିସ ଗମାଙ୍ଗ, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟା ଶବର, ଉପାଧ୍ୟକ୍ଷ ଏସ୍ ରାଓ, ବରିଷ୍ଠ ନେତା ମାରୁତ ପାଳ, ଆପା ରାଓ ଓ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଏବଂ ବିଜେଡି କର୍ମୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ।

## ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଛେଳିଗଡ଼, ୨୧।୧(ସମିସ):** ରା. ଉଦୟଗିରି ବ୍ଲକ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାମଗିରିଠାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସଂଜୀବ କୁମାର ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମଙ୍ଗଳ ଅଧିକାରୀ ମମତା ରାଣୀ ପରିଡ଼ା ମୁଖ୍ୟ ଅତିଥି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାୟଗଡ଼ର ପ୍ରଧାନ ଶିକ୍ଷକ ସୁରେଶ ସାହୁକାର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟାନ୍ୟ ବିଦ୍ୟାଳୟରୁ ନିମନ୍ତ୍ରିତ ପ୍ରଧାନ ଶିକ୍ଷକ, ଶିକ୍ଷକ ବନ୍ଧୁ, ଲୋକପ୍ରତିନିଧି, ଅଭିଭାବକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଇଂରାଜୀ ଅଧ୍ୟାପକ ଅଞ୍ଜିତ ପରିଚ୍ଛାଙ୍କ ସହ ଶିକ୍ଷକ ପ୍ରଦୀପ୍ତ ନାୟକ ମଞ୍ଚ ପରିଚାଳନା କରିଥିଲାବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




## ଦେଉଳା ହାଇସ୍କୁଲର ବାର୍ଷିକ ଉତ୍ସବ



**ଗୋଷାଣି, ୨୧।୧(ସମିସ):** ଗୋଷାଣି ବ୍ଲକ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଦେଉଳାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସ୍ୱାଧୀନ କୁମାର ପରିଡ଼ା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଗୋଷାଣି ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ନିହାର ନାଇକ, ଭାରପ୍ରାପ୍ତ ଜିପିଇଓ ବିନୋଦ ଗୌଡ଼, ସିଆରସି ତାରକେଶ୍ୱର ଜେନା, ଗାରବନ୍ଧସ୍ଥିତ ଶ୍ରୀଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି.ତିରୁମଲା ରାଓ ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏନ୍. ବିମଳ, ପ୍ରାକ୍ତନ ବିଇଓ ଏମ୍.ଖଗେଶ୍ୱର ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଦ୍ୟାଳୟର ଉନ୍ନତିକରଣ ଓ ଶିକ୍ଷାଦାନ ବ୍ୟବସ୍ଥାକୁ ପ୍ରଶଂସା କରିଥିବା ବେଳେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ କ୍ରୀଡ଼ା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ କ୍ଲଷ୍ଟରର ସିଆରସିସି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିବାବେଳେ ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ପିଲାସଲୁଙ୍କି କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଖଜୁରୀପଡ଼ା, ୨୧।୧(ସମିସ):** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସିଦୀଙ୍ଗି ଡଲା ବାଲି ଖେଳ ପଡ଼ିଆରେ ୬ ଦିନ ଧରି ୪ର୍ଥ ପିଲାସଲୁଙ୍କି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭିମ ରାଓ ୟୁଥ୍ କ୍ଲବ୍ ସିଦୀଙ୍ଗି ତରଫରୁ ଆୟୋଜିତ କରାଯାଇଥିଲା। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୧୬ଟି କ୍ରିକେଟ ଦଳ ଭାଗନେଇଥିଲେ। ସେଥି ମଧ୍ୟରୁ ଶୁକ୍ରବାର ଦିନ ପ୍ରଥମ ପର୍ଯ୍ୟାୟରେ ପିଙ୍କ୍ ଡ୍ରାଗନ୍ ସହିତ ଆଡିକଟେଡ ଇଲେଭେନ୍ ସେମି ଫାଇନାଲ ଖେଳିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ପୁଲିସ ସହିତ ବିଶିପଡ଼ା କ୍ରିକେଟ ଟିମ୍ ସେମି ଫାଇନାଲ ଖେଳିଥିଲା। ଶନିବାର ପିଙ୍କ୍ ଡ୍ରାଗନ୍ ଏବଂ ବିଶିପଡ଼ା କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଫାଇନାଲ ମ୍ୟାଚରେ ଅଧିନାୟକ ଅଜୁବ ସାହାଣୀଙ୍କ ଅଧିନାୟକରେ ବିଶିପଡ଼ା କ୍ରିକେଟ ଟିମ୍ ୧୫ ଓଭର୍ ଖେଳି ୮ ୱିକେଟ୍ ବିନିମୟରେ ୧୩୨ ରନ ସଂଗ୍ରହ କରିଥିଲା। ପିଙ୍କ୍ ଡ୍ରାଗନ୍‌ର ୧୩ ଓଭର ୪ ବଲରେ ୧୦ଟି ୱିକେଟ୍ ହରେଇ ୧୨୮ ରନ ସଂଗ୍ରହ କରିଥିଲା। ମାତ୍ର ୫ ରନ ପାଇଁ ପିଙ୍କ୍ ଡ୍ରାଗନ ପରାଜିତ ହୋଇଥିଲା। ଅମ୍ପାୟର ଜିତୁ ପ୍ରଧାନ ଏବଂ ଜିତ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଉପଜିଲ୍ଲାପାଳ ରବୀନ୍ଦ୍ର କହଁର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ହ୍ୟୁମାନ ରାଇଟସର ରାଜ୍ୟ ଉପସଭାପତି ଜଳନ୍ଧର ବେହେରା, ଦୂତିପଡ଼ା ସରପଞ୍ଚ ଜାନକୀ ଜାନି ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହ କରିଥିଲେ। ବିଶିପଡ଼ା ବିଜେତା ଦଳକୁ ଟ୍ରଫି ସହ ୧୬ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଟିମ୍ ପିଙ୍କ୍ ଡ୍ରାଗନ୍‌କୁ ଟ୍ରଫି ସହିତ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**ଜି.ଉଦୟଗିରି, ୨୧।୧(ସମିସ):** ଜି. ଉଦୟଗିରି ନିକଟସ୍ଥ ପଞ୍ଚାୟତ ହାଇସ୍କୁଲ ରଟିଙ୍ଗିଆରେ ଓଡ଼ିଆ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବଳରାମ ସାହୁ, ସମ୍ମାନିତ ଅତିଥି ରୂପେ ଶିକ୍ଷକ ଭାସ୍କର ସାମଲ, ବିଧାୟକ ପ୍ରତିନିଧି କରାଳ ମଲିକ, ମୋ ସ୍କୁଲ ସଭାପତି ହୃଷୀକେଶ ପ୍ରଧାନ, ମହାବୀର ମୋଟର୍ସର ସତ୍ତ୍ୱାଧିକାରୀ ସସ୍ମିତା ସାହୁ ଯୋଗଦାନ କରିଥିଲେ। ଉକ୍ତ ଉତ୍ସବରେ ପରିଚାଳନା କମିଟି, ପୁରାତନ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ କରାଇଥିଲେ। ଉତ୍ସବକୁ ଶିକ୍ଷକ ମନୋଜ କୁମାର ତ୍ରିପାଠୀ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରିତାଞ୍ଜଳୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କର୍ମଚାରୀ ଜିତେନ୍ଦ୍ର ନାୟକ, ସନ୍ତୋଷ କୁମାର ପୃଷ୍ଟି, ନଙ୍ଗୁଳି ଚରଣ ପ୍ରଧାନ, ଅଭିଲିପ୍ସା ପ୍ରଧାନ, ଧନୀଜ ବଳିୟାର ସିଂହ, ହେଲେମା ମଲ୍ଲିକ, ମୃତ୍ୟୁଞ୍ଜୟ ନାୟକ, ବିଶ୍ୱମ୍ଭର ପ୍ରଧାନ, ଅବନ୍ଧିକା ପ୍ରଧାନ ଓ ସାନିମା ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନିର୍ମାଣାଧୀନ ଘରୁ ମୃତଦେହ ଉଦ୍ଧାର

**ବାଲିଗୁଡ଼ା, ୨୧।୧(ସମିସ):** ବାଲିଗୁଡ଼ା ଏନ୍‌ଏସି ୧୧ ନମ୍ବର ୱାର୍ଡ ପଣସପୋଡ଼ି ସାହିର ଏକ ନିର୍ମାଣାଧୀନ ଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସୁଶାନ୍ତ ପୂଜାରୀ। ତାଙ୍କ ମୁହଁ ଓ ବେକରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି। ମୃତଦେହ ଉଦ୍ଧାର ହୋଇଥିବା ନିର୍ମାଣାଧୀନ ଘର ସୁଶାନ୍ତଙ୍କ ସମ୍ପର୍କୀୟଙ୍କ ହୋଇଥିବା ବେଳେ ତାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି। କିଛି ଶ୍ରମିକ କାମ କରିବାକୁ ଆସି ମୃତଦେହ ଦେଖି ସ୍ଥାନୀୟ ଲୋକଙ୍କୁ ଜଣେଇଥିଲେ। ସୂଚନା ପାଇ ବାଲିଗୁଡ଼ା ଥାନା ଅଧିକାରୀ ସୁଶାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ପୁଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ବାଲିଗୁଡ଼ା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ୩ୟ ଜାତୀୟ ପାରଳା ନୃତ୍ୟ ମହୋତ୍ସବ

# ମନମୋହିଲା ଓଡ଼ିଶୀ ଓ ଭାରତନାଟ୍ୟମ୍

**ପାରଳାଖେମୁଣ୍ଡି, ୨୧।୧(ସମିସ)**




ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଅର୍ବାନ ବ୍ୟାଙ୍କ ପଡ଼ିଆଠାରେ ୩ୟ ଜାତୀୟ ନୃତ୍ୟ ମହୋତ୍ସବ 'ନୃତ୍ୟ ପଲ୍ଲବୀ-୨୦୨୪' ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ନୃତ୍ୟ ସଂଗଠନ ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ର ଓ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଆଦର୍ଶ ଦାସଙ୍କ ଅଧ୍ୟକ୍ଷତାରେ ପ୍ରାରମ୍ଭିକ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଡ. ଗଜେନ୍ଦ୍ର ପଣ୍ଡା ଓ ବିଶିଷ୍ଟ ଅତିଥି ଭାବେ ପାରଳା ବିଧାୟକ କେ.ନାରାୟଣ ରାଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଶିକ୍ଷାବିତ୍ ଡ. ଜିତେନ୍ଦ୍ର ପଟ୍ଟନାୟକ, ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଘୁନାଥ ପାତ୍ର, ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ଉପସ୍ଥିତ ଥିଲେ। ଅନୁଷ୍ଠାନ ପକ୍ଷରୁ ସମ୍ପାଦକ ଡି. ପ୍ରିୟଙ୍କା ସଂପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ମଞ୍ଚାସୀନ ଅତିଥିମାନେ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଅନୁଷ୍ଠାନର ସଫଳତା ପାଇଁ ବିଶେଷ କରି ବିଦେଶ ଯାଇ ସେଠାରେ ଗଜପତି ଜିଲ୍ଲା ପାଇଁ ସୁନାମ ଅର୍ଜନ କରିଥିବାରୁ ଉଚ୍ଚପ୍ରଶଂସା କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟ ସଂଗଠକ ନୃସିଂହ ଚରଣ ପଟ୍ଟନାୟକ ଓ ପଶ୍ଚିମବଙ୍ଗରୁ ଆସିଥିବା ନୃତ୍ୟଶିଳ୍ପୀ ପ୍ରୀତି ପଲଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ତ୍ରିଧାରା ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରାଯାଇଥିବା ବେଳେ ପଶ୍ଚିମବଙ୍ଗର କଳାକାରମାନେ ଭାରତ ନାଟ୍ୟମ ଓ ଅନ୍ୟାନ୍ୟ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଆୟୋଜକ ଅନୁଷ୍ଠାନର ଶିଶୁ ଓ ଯୁବ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ, ସମ୍ବଲପୁରୀ, ଧେମସା ନୃତ୍ୟ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ସଂଯୋଜିକା ଅରୁପାଞ୍ଜଳି ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଡି.ମୋହନ ରାଓ, ବାଳକୃଷ୍ଣ ପାଣିଗ୍ରାହୀ, ରାଜା ପାତ୍ର, ବ୍ରଜରାଜ ବେହେରା, ରଶ୍ମି ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

